ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୩୦ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 30 JUNE 2025
Vol.No. 36 ■ No.171 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ଶରଧାବାଲିରେ ଅଘଟଣ: ଠେଲାପେଲାରେ ୩ ଭକ୍ତଙ୍କ ମୃତ୍ୟୁ

ପୂର୍ବରୁ ଭିଡ ନିୟନ୍ତ୍ରଣକୁ ନେଇ ସରକାର ଓ ପୋଲିସ ଉପରକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ଶରଧାବାଲିରେ ଠେଲାପେଲା ଘଟଣାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି । ୧୦ରୁ ଅଧିକ ଭକ୍ତ ଆହତ ହୋଇଛନ୍ତି । ରଥ ପରିଚାଳନା ଦାୟିତ୍ୱରେ ନୂଆ ଅଫିସର । ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରା ପରିଚାଳନା ଦାୟିତ୍ୱ ଦେଲେ ସରକାର । ଉଚ୍ଚ ଶିକ୍ଷା ବିଭାଗ ସଚିବ ଦାୟିତ୍ୱ ସହ ରଥଯାତ୍ରା ପରିଚାଳନା ଦାୟିତ୍ୱ ତୁଲାଇବେ ଅରବିନ୍ଦ । ରଥଯାତ୍ରା ସୁପରଭିଜନ ପାଇଁ ସାଧାରଣ ପ୍ରଶାସନ ବିଭାଗ ଦାୟିତ୍ୱ ଦିଆଯାଇଛି । ପୁରୀ ଶରଧାବାଲି ଅଘଟଣା ଘଟଣାରେ ରାଜ୍ୟ ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ । ବଦଳିଲେ ପୁରୀ ଜିଲ୍ଲାପାଳ ଓ ଏସ୍‌ପି । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସ୍ଥାନରେ ନୂଆ ଜିଲ୍ଲାପାଳ ହେଲେ ଚଞ୍ଚଳ ରାଣା । ସେହିପରି ଏସ୍‌ପି ଭିନୀତ୍ ଅଗ୍ରୱାଲଙ୍କ ସ୍ଥାନରେ ନୂଆ ଏସ୍‌ପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହା ସହିତ ଉଡଚ ବିଷ୍ଣୁ ପତି ଓ କମାଣ୍ଡାନ୍ଟ ଅଜୟ ପାଢୀଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗ ଯୋଗୁଁ ନିଲମ୍ବିତ କରାଯାଇଛି । ପୁରୀ ଅଘଟଣ ନେଇ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବହେଳା ଅକ୍ଷମଣୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ସୁରକ୍ଷା ଅବହେଳାର ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଏହି ଅଘଟଣ ପରେ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଁ ଏବଂ ମୋ ସରକାର ସମସ୍ତ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ । ଯେଉଁ ଭକ୍ତମାନଙ୍କର ଜୀବନଦୀପ ଶରଧାବାଲିରେ ଲିଭିଯାଇଛି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି ଭଳି ଏକ ଦାରୁଣ ଦୁଃଖକୁ ସହିବା ନିମନ୍ତେ ଶକ୍ତି ଦେବାପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି । ସୂଚନା ଅନୁସାରେ, ଆଜି ପୁରୀ ଶରଧାବାଲିରେ ଠେଲାପେଲାରେ ୩ ଜଣ ଭକ୍ତଙ୍କର ମୃତ୍ୟୁ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଭୋରରେ ହୋଇଥିଲା

- ■ ଅରବିନ୍ଦ ଅଗ୍ରୱାଲଙ୍କୁ ରଥ ପରିଚାଳନା ଦାୟିତ୍ୱ ଦେଲେ ସରକାର
- ■ ବଡ଼ କାର୍ଯ୍ୟାନୁଷ୍ଠାନ: ବଦଳିଲେ ପୁରୀ ଜିଲ୍ଲାପାଳ ଓ ଏସ୍‌ପି
- ■ କ୍ଷମା ପ୍ରାର୍ଥନା କଲେ ମୁଖ୍ୟମନ୍ତ୍ରୀ: କହିଲେ, ଏଭଳି ଅବହେଳା ଅକ୍ଷମଣୀୟ
- ■ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା
- ■ ଘଟଣାରେ ଶ୍ରୀ ଗଜପତି ମହାରାଜାଙ୍କ ପ୍ରତିକ୍ରିୟା 'ତୁରନ୍ତ ତଦନ୍ତ କରାଯାଉ'
- ■ ନବୀନଙ୍କ ନିନ୍ଦା: ଏହା ସରକାରଙ୍କ ସ୍ପଷ୍ଟ ଅକ୍ଷମତାକୁ ପ୍ରକାଶ କରୁଛି

ପୁରୀ, ୨୯/୬ (ନି.ପ୍ର): ପୁରୀ ଶରଧାବାଲିରେ ଅଘଟଣ । ଠେଲାପେଲାରେ ଦଳାଚକଟା କାରଣରୁ ୩ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା । ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ଠେଲାପେଲା ହୋଇ ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୫୦ ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ୫୦୦ରୁ ଅଧିକ ଭକ୍ତ ପ୍ଲାଷ୍ଟିକ ମ୍ୟାଟ ପକାଇ ବସିଥିଲେ। ଅଚାନକ ଟ୍ରକ ଆସିବାରୁ ଏଭଳି ଭୟାନକ ପରସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଭିଡ ନିୟନ୍ତ୍ରଣ ପାଇଁ ଘଟଣା ସ୍ଥଳରେ ପୋଲିସ କର୍ମୀ ଉପସ୍ଥିତ ନ ଥିବା ପ୍ରକାଶ କରିଛନ୍ତି ପ୍ରତ୍ୟକ୍ଷଦର୍ଶୀ। ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସ୍ଥାନରେ ନୂଆ ଜିଲ୍ଲାପାଳ ହେଲେ ଚଞ୍ଚଳ ରାଣା । ସେହିପରି ଏସ୍‌ପି ଭିନୀତ୍ ଅଗ୍ରୱାଲଙ୍କ ସ୍ଥାନରେ ନୂଆ ଏସ୍‌ପି ଭାବେ ପିନାକ ମିଶ୍ରଙ୍କୁ

ତୁରନ୍ତ ତଦନ୍ତ କରାଯିବ । ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଠେଲାପେଲା ସ୍ଥିତି। ରବିବାର ଥିବାରୁ ରାତିରୁ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା। ଭୋର୍ ୪ଟାରେ ଅଘଟଣ ଘଟିଥିଲା।

▶▶ପୃଷ୍ଠା ୭

ଶାଶ୍ୱତ ମିଶ୍ର ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ



ଭୁବନେଶ୍ୱର, ୨୯/୬ (ନି.ପ୍ର): ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏ ସଂପର୍କରେ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହା ପୂର୍ବରୁ ବରିଷ୍ଠ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେ କେନ୍ଦ୍ରକୁ ଯିବା ପରେ ଶାଶ୍ୱତ ମିଶ୍ରଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି। ୧୯୯୬ ବ୍ୟାଚ୍‌ର ଆଇଏଏସ ଅଫିସର ଶାଶ୍ୱତ ମିଶ୍ର ଏବେ ଅର୍ଥ ବିଭାଗର ପ୍ରମୁଖ ସଚିବ ସହିତ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ

▶▶ପୃଷ୍ଠା ୭

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା ଗିରଫ

ଭୁବନେଶ୍ୱର, ୨୯/୬ (ନି.ପ୍ର): ଗଞ୍ଜାମ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ୍ କୁମାର ପଣ୍ଡାଙ୍କୁ ରବିବାର ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଶନିବାର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କର ୭ଟି ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଏହା ଚଢ଼ାଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଥିଲା। ବ୍ରହ୍ମପୁରର ରାମହରି ନଗରରେ ତାଙ୍କର ଗୋଟିଏ ତିନି ମହଲା କୋଠା ଅଛି। ବ୍ରହ୍ମପୁରର ଆଙ୍କୁଲିରେ ଥିବା ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ତାଙ୍କର ଗୋଟିଏ ଟୁ-ବିଏଚ୍‌କେ ଫ୍ଲାଟ ଅଛି।

▶▶ପୃଷ୍ଠା ୭

ବିଜେପି ରାଜ୍ୟ ସଭାପତି ସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ସ୍ଥଗିତ

ଭୁବନେଶ୍ୱର, ୨୯/୬ (ନି.ପ୍ର): ଆସନ୍ତା ୧ ତାରିଖରେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ନୂଆ ସଭାପତି ମିଳିବ ନାହିଁ। ବିଜେପି ରାଜ୍ୟ ସଭାପତି ନିର୍ବାଚନ ସ୍ଥଗିତ ରଖାଯାଇଛି। ବିଜେପି ରାଜ୍ୟ ସଭାପତି ସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନକୁ ମଧ ସ୍ଥଗିତ ରଖାଯାଇଛି। ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜୁଲାଇ ୧ରେ ରାଜ୍ୟ ବିଜେପିକୁ ନୂଆ



ସଭାପତି ମିଳିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ପୂର୍ବରୁ ଏହି ସୂଚନା ଦେଇଥିଲେ। ସେ କହିଥିଲେ, ବିଜେପି ସଂଗଠନ ନିର୍ବାଚନରେ ବୁଥ, ମଣ୍ଡଳ, ଜିଲ୍ଲା ନିର୍ବାଚନ ସରିଛି। ବିଭିନ୍ନ କାରଣରୁ ସଭାପତି ନିର୍ବାଚନ ବନ୍ଦ ଥିଲା। ଶ୍ରୀ ଷଡ଼ଙ୍ଗୀଙ୍କ କହିବା ଅନୁସାରେ ଆଜି ମତଦାନ ସୂଚୀ ପ୍ରକାଶ ପାଇବାର ଥିଲା। ୩୦ରେ ନାମାଙ୍କନ ପତ୍ର ଦାଖଲ ହୋବାର ଥିଲା। ଜୁଲାଇ ୧ରେ ମତଦାନ ହୋଇ ଅପରାହ୍ନରେ ଫଳ ପ୍ରକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା।

▶▶ପୃଷ୍ଠା ୭

ବଙ୍ଗୋପସାଗରରେ ଲଘୁଚାପ : ଲଗାଣ ବର୍ଷାରେ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି

ଭୁବନେଶ୍ୱର, ୨୯/୬ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର । ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ, ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଆଗାମୀ ୨ଦିନ ଯାଏଁ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ମଧ ଦେଇ ଗତିକରିବାର ସମ୍ଭାବନା ରହିଛି । ପ୍ରଭାବର

ଉପକୂଳ ଓ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଲଘୁଚାପ ପାଇଁ ଉତ୍ତର ଓଡିଶାରେ ପୁଣି ବନ୍ୟା ସ୍ଥିତି ଉପୁଜିପାରେ । ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆସିବାର ଆଶଙ୍କା ରହିଛି । ସମ୍ଭାବ୍ୟ ଲଘୁଚାପକୁ ନେଇ ଆଜି ଭୋଗରାଇ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାର ସଚେତନ କରାଯାଇଛି । ପଶ୍ଚିମବଙ୍ଗ ଦିଘା ନିକଟ ଉଦୟପୁର, ତାଳସାରୀ, ବିଚିତ୍ରପୁର ଓ କୀର୍ତ୍ତନୀୟ ସମୁଦ୍ର ମୁହାଁଣରେ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ଏହାସହ ଉପକୂଳବାସୀ ସହ ତଳିଆ ଅଞ୍ଚଳର ଲୋକଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମତ୍ସ୍ୟ ବିଭାଗ ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ , ସମୁଦ୍ରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜିଠୁ ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ପ୍ରବଳ ବର୍ଷା ଓ ପବନ ଲାଗିରହିବ ।

▶▶ପୃଷ୍ଠା ୭

ଅନିର୍ବାଯ୍ୟ କାରଣ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର, ୨୯/୬ (ନି.ପ୍ର): ଚଳିତ ମାସ ୩୦ ତାରିଖ (ସୋମବାର) ଦିନ ଭୁବନେଶ୍ୱର ୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟ ଅନିର୍ବାଯ୍ୟ କାରଣ ବଶତଃ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗଣମାଧମକୁ ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୩୦ ତାରିଖ ଦିନ ଭୁବନେଶ୍ୱରର ୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନଶୁଣାଣି ଶିବିର ଅନିବାର୍ଯ୍ୟ କାରଣ ହେତୁ ସ୍ଥଗିତ ରହିଛି। ଏହି ଜନଶୁଣାଣି ପାଇଁ ଅନଲାଇନରେ ପଞ୍ଜୀକରଣ

▶▶ପୃଷ୍ଠା ୭

ଠାକ୍‌ରେ ଭାଇମାନଙ୍କ ମଧ୍ୟରେ ଚୁକ୍ତି ଚୂଡ଼ାନ୍ତ: ପରଦା ପଛରେ ଆଲୋଚନା

ନୂଆଦିଲ୍ଲୀ,୨୯/୬ : ପରସ୍ପରର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ରାଜ ଠାକରେ ଏବଂ ଉଦ୍ଧବ ଠାକରେ ଗତ କିଛି ସପ୍ତାହ ମଧ୍ୟରେ ଅନେକ ଅନୌପଚାରିକ ବୈଠକ କରିଛନ୍ତି। ଫଳରେ ଦୁଇ ଠାକରେ ଭାଇଙ୍କ ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା ବୃଦ୍ଧି ପାଉଛି। ଉଭୟ ଦଳର ନେତାଙ୍କ ମଧ୍ୟରେ ଗୁପ୍ତ ବୈଠକ ଅନୁଷ୍ଠିତ ହେଉଛି। ମହାରାଷ୍ଟ୍ରର ପରିବର୍ତ୍ତିତ ରାଜନୀତିରେ ଏହି ମେଣ୍ଟ ଏକ ନୂତନ ରୂପ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି। ମହାରାଷ୍ଟ୍ରର ଠାକରେ ଭାଇମାନେ ପୁଣି ଥରେ ଏକାଠି ହେଉଥିବା ଦେଖାଯାଉଛି। ଉଭୟଙ୍କ ମଧ୍ୟରେ

ମେଣ୍ଟକୁ ପ୍ରାୟ ଚୂଡ଼ାନ୍ତ ବୋଲି ବିଚାର କରାଯାଉଛି । ଏହା କୁହାଯାଇପାରେ କାରଣ ଉଦ୍ଧବ ଠାକରେ ଏବଂ ରାଜ ଠାକରେ ଉଭୟ ଗୋଷ୍ଠୀରେ ଗତିବିଧି ତୀବ୍ର ହୋଇଛି । ଗତ ମାସଠାରୁ, ଉଦ୍ଧବ ଗୋଷ୍ଠୀ ଏବଂ ଏମଏନଏସର ମେଣ୍ଟ ପାଇଁ ଗତିବିଧି ଗତି କରିଛି। ବରୁଣ ସରଦେଶାଇ ଏବଂ ବାଲା ନନ୍ଦଗାଓଁକରଙ୍କ ମଧ୍ୟରେ ଦୁଇରୁ ତିନୋଟି ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଛି । ସେହି ସମୟରେ, ସନ୍ଦୀପ ଦେଶପାଣ୍ଡେ ଏବଂ ବରୁଣ ସରଦେଶାଇଙ୍କ ମଧ୍ୟରେ ଚାରିଥର ବିସ୍ତୃତ ଆଲୋଚନା ମଧ୍ୟ ହୋଇଛି। ୨୦୧୭ ମସିହାରେ, ମେଣ୍ଟର ନେତୃତ୍ୱ ବାଲା ନନ୍ଦଗାଓଁକର-ସନ୍ଦୀପ ଦେଶପାଣ୍ଡେ ନେଇଥିଲେ। ଏହି ବର୍ଷ ମଧ୍ୟ ସମାନ ମୁହଁ ସକ୍ରିୟ ଦେଖାଯାଉଛି। ଏମଏନଏସ-ଠାକରେ ଗୋଷ୍ଠୀର ନେତାମାନଙ୍କ ଗୁପ୍ତ ବୈଠକରୁ ଅନୁମାନ କରାଯାଇପାରେ ଯେ ଠାକରେ ଭାଇମାନଙ୍କ ମଧ୍ୟରେ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଗତ ଗୋଟିଏ ମାସ ଧରି ଉଭୟ ଦଳର ନେତାଙ୍କ ମଧ୍ୟରେ ପରଦା ପଛରେ ଆଲୋଚନା ଚାଲିଛି। ଉଭୟ ଗୋଷ୍ଠୀର ନେତାଙ୍କ ପକ୍ଷରୁ ମିଶ୍ରିତ ପ୍ରତିକ୍ରିୟା ମଧ୍ୟ ଆସୁଛି। ଏବେ ଏହାକୁ ନେଇ ରାଜ୍ୟ ରାଜନୈତିକ ମହଲରେ ଉଷ୍ମତା ବୃଦ୍ଧି ପାଇଛି।

ଆଜି ଶ୍ରୀବିଗ୍ରହଙ୍କ ବନକଲାଗି: ୫ ଘଂଟା ଦର୍ଶନ ବନ୍ଦ

ପୁରୀ, ୨୯/୬ (ନି.ପ୍ର): ଆସନ୍ତାକାଲି ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଂଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତି ୯ଟା ଠାରୁ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ । ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ । ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ ।

୪୭୭ ଡ୍ରୋନ, ୬୦ କ୍ଷେପଣାସ୍ତ୍ର ସହ ୟୁକ୍ରେନ ଉପରେ ରୁଷର ବଡ଼ ଆକ୍ରମଣ

ନୂଆଦିଲ୍ଲୀ,୨୯/୬ : ଶନିବାର ଏବଂ ରବିବାର ରାତିରେ ରୁଷ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଛି। ରୁଷର ଏହି ଆକ୍ରମଣ ପରେ, ତିନି ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧ ଆହୁରି ଭୟଙ୍କର ହୋଇଛି । ସେପଟେ ଯୁଦ୍ଧ ସମାପ୍ତ କରିବାର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ ଏହି



ଆକ୍ରମଣ ଅଭୂତପୂର୍ବ ସ୍ତରରେ କରାଯାଇଥିଲା। ଏହା ଯୋଗୁଁ ୟୁକ୍ରେନର ବଡ଼ କ୍ଷତି ହେବାର ସମ୍ଭାବନା ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କିନ୍ତୁ ମୃତାହତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଏହି ଆକ୍ରମଣ ସମୟରେ ରୁଷ କିଭ ଉପରେ

▶▶ପୃଷ୍ଠା ୭

ସମ୍ବଲପୁରରେ ସମ୍ଭାଗ ସ୍ତରୀୟ ସାମୂହିକ କାର୍ଯ୍ୟଶାଳା

ସମ୍ବଲପୁର, ୨୯/୦୬ (ନି।ପ୍ର): ସମ୍ବଲପୁର ସହରର ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ତ୍ରିଦିବସୀୟ ପର୍ଶ୍ଚିମ ସମ୍ଭାଗ ସାମୁହିକ କାର୍ଯ୍ୟଶାଳା ଆରମ୍ଭ ହୋଇଯାଇଛି । ଉକ୍ତ ଉତ୍ସବରେ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ସଂସ୍ଥାନର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ମୀନ କେତନ ପାଠୀ କାର୍ଯ୍ୟଶାଳାକୁ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାନ୍ତ ପ୍ରଚାରକ, ପର୍ଶ୍ଚିମ ସମ୍ଭାଗ ଶଙ୍କର ପ୍ରସାଦ ପଣ୍ଡା ତାଙ୍କ ଅଭିଭାଷଣରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟଙ୍କ ପାଇଁ ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପର୍ଶ୍ଚିମ ସମ୍ଭାଗ ସହ ସଂଯୋଜକ ଜୟ କିଶୋର ପଣ୍ଡା, ମହୋଦୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥିଙ୍କ ପରିଚୟ ସହ କାର୍ଯ୍ୟକ୍ରମର ରୂପ ରେଖ ବିଷୟରେ ଆଲୋଚନା କରିଥିଲେ । ସମୁଦାୟ ଦୁଇ ଶହରୁ ଉର୍ଦ୍ଧ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଛନ୍ତି । ପର୍ଶ୍ଚିମ ସମ୍ଭାଗ ସଂଯୋଜଗ ଜ୍ୟୋତି ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଉଦେଶ୍ୟ କଥନ କରିଥିଲେ । ସଂକୁଳ ପ୍ରମୁଖ ପ୍ରମୋଦ ପାଢ଼ୀ ମହୋଦୟ ମଂଚାସୀନ ଥିଲେ କ୍ଷସୁଧାରି ଦେବେ । ସ୍ଥାନୀୟ ବିଦ୍ୟାଳୟ ର ସଭାପତି ଡ଼. ଦେବେନ୍ଦ୍ର ପଣ୍ଡା ପ୍ରଶିକ୍ଷିକା ମାନଙ୍କୁ ଉଦବୋଧନ ଦେଇଥିଲେ ।

ଗବସାହି ଲେବେଲ କ୍ରସିଂରେ ରେଳ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି

ଭଦ୍ରକ, ୨୯/୦୬ (ନି।ପ୍ର): ଭଦ୍ରକ ସହରକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଗବସାହି ଲେବଲ କ୍ରସିଂ ଉପରେ ଏକ ରେଳ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏହି ରାସ୍ତା ଦେଇ ଦୈନିକ ସହସ୍ରାଧିକ ଲୋକ ଯାତାୟତ କରିଥାନ୍ତି । ଗବସାହି ଲେବଲ କ୍ରସିଂ ଦେଇ ଗେଲଟୁଆ, ଜଳଙ୍ଗା,ବଗମରା, ଚଢ଼େଇଆ,ଶାସନ,କୁଆପଦା,ଜହତା, କାଉପୁର, ବରଦା ସହିତ ଆଗରପଡା, କୁପାରୀ, ଖଇରା ପ୍ରଭୁତି ଅଂଚଳ ର ଲକ୍ଷ୍ୟାଧିକ ଲୋକ ଯାତାୟତ କରିଥାନ୍ତି । କାଉପୁର ଠାରୁ ଭଦ୍ରକ ସହର ସହିତ ଗୁରୁତ୍ୱପୂର୍ଣ୍ଣ ମୋଟଲ ଛକକୁ ସଂଯୋଗ କରୁଥିବା ଏହି ରାସ୍ତା ପ୍ରଶସ୍ତି କରଣ ପରେ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି । ଏହି ରାସ୍ତା ଦେଇ ଦୈନିକ ସ୍କୁଲ କଲେଜ ବସ ସହିତ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ସହିତ ବିଭିନ୍ନ ମାଲବାହୀ ଏବଂ ଯାତ୍ରୀ ବାହୀ ଗାଡି ଅନବରତ ଚଳାଚଳ ହେଉଛି । ଏହି ରାସ୍ତାରେ ଭଦ୍ରକ ଜିଲ୍ଲପାଳ, ଏସପି, ଜିଲ୍ଲା ଜର୍ଜ ଅତିରିକ୍ତ ଜିଲ୍ଲପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକସ୍ତାଧିକାରୀଙ୍କ ଆବାସିକ କାର୍ଯ୍ୟଳୟ ରହିଛି । ତେବେ ସହରକୁ ସଂଯୋଗ କରିବା ଠିକ ପୂର୍ବରୁ ରହିଥିବା ଗବସାହି ରେଳ ଫାଟକ ଗମନା ଗମନ କ୍ଷେତ୍ରରେ ବଡ଼ ଅନ୍ତରାୟ ସୃଷ୍ଟି କରୁଛି । ରୋଗୀ ହୁଅନ୍ତୁ କି ଅଗ୍ନିଶମ ଗାଡି ହେଉ ଘଡ଼ିସନ୍ଧି ମୁହୂର୍ତରେ ରେଳଫାଟକ ପଡ଼ିଥିବା ବେଳେ ଲୋକଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ତାଛଡ଼ା ଏବେ ରେଳସେବା ରେ ଯାତ୍ରୀ ଏବଂ ମାଲବାହୀ ଟ୍ରେନ ଦ୍ରୁତ ବୃଦ୍ଧି ପାଇଛି । ଗାଡି ମୋଟର ଭଳି ପ୍ରତି ୧୦/୧୫ ମିନିଟ ବ୍ୟବଧାନରେ ରେଳ ଟ୍ରାକରେ ରେଳ ଗଡୁଛି । ଫଳରେ ଗୁରୁତ୍ୱପୂର୍ଣ୍ଣ କାମ କାର୍ଯ୍ୟରେ ବାହାରିଥିବା ଲୋକଙ୍କୁ ଅଯଥାରେ ରେଳ ଫାଟକ ନିକଟରେ ଦୀର୍ଘ ସମୟ ଧରି ଛିଡା ହେବାକୁ ପଡୁଛି । ଆବଶ୍ୟକତା କୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ତଳେ ଏଠାରେ ଏକ ପାସେଞ୍ଜର ହଲ୍ଟ କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପ୍ରବଳ ଦାବି ହୋଇଥିଲା । ଲୋକଙ୍କ ଏହି ଦାବି ସମ୍ପର୍କରେ ପୂର୍ବତନ ଭଦ୍ରକ ସାଂସଦ ଅର୍ଜୁନ ସେଠୀ ରେଳ ମନ୍ତ୍ରଣାଳୟ ଦୃଷ୍ଟି ମଧ ଆକର୍ଷଣ କରିଥିଲେ । ହେଲେ ସରକାରୀ ଫାଇଲ ତଳେ ହଜିଗଲା ଲୋକଙ୍କ ଏହି ଦାବି । ତେବେ ସରକାର ଏଠାରେ ପାସେଞ୍ଜର ହଲ୍ଟ ନକଲେ ନାହିଁ କିନ୍ତୁ ସମୟର ଏବଂ ଲୋକଙ୍କ ଆବଶ୍ୟକତା କୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଏକ ରେଳ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି । ସଂଯୋଗ ବଶତଃ ଏବେ ପୂର୍ବତନ ସାଂସଦ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀ ଭଦ୍ରକ ସାଂସଦ ଅଛନ୍ତି ବାପାଙ୍କ ଅଧୁରା ସ୍ୱପ୍ନ ଏଠାରେ ଏକ ପାସେଞ୍ଜର ହଲ୍ଟ ପ୍ରତିଷ୍ଠା ହୋଇନପାରିଲେ ମଧ ଲୋକଙ୍କ ଜରୁରୀ ଆବଶ୍ୟକତା ପାଇଁ ଏଠାରେ ଏକ ରେଳ ଫ୍ଲାଏ ଓଭରବ୍ରିଜ ପ୍ରତିଷ୍ଠା ଦିଗରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଙ୍କ ପକ୍ଷରୁ ଦାବି ହେଉଛି । ସ୍ଥାନୀୟ ଲୋକ ଏବଂ ବୁଦ୍ଧିଜୀବୀ ଜନସାଧାରଣ ଙ୍କୁ ନେଇ ଗଠିତ ଆଂଚଳିକ ବିକାଶ ପରିଷଦ ପକ୍ଷରୁ ଏନେଇ ଖୁବ ଶୀଘ୍ର ସାଂସଦଙ୍କ ଜରିଆରେ ରେଳ ମନ୍ତ୍ରଣାଳୟ ନିକଟରେ ବିଧିବଧ ଭାବେ ଦାବି ଉପସ୍ଥାପନ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ରାଧା ଦାସ, ସମାଜସେବୀ, ମୁକ୍ତିକାନ୍ତ ମଲ୍ଲିକ, ଶିକ୍ଷବିତ ଗୋବର୍ଧନ ସାମଲ, ସମାଜସେବୀ ଗୋପାଳ କୃଷ୍ଣ ଦାସ,ବାରିଦ ବରଣ ଦାସ,ପ୍ରସନ୍ନ ଦାସ, ମହେଶ ଦାସ, ରାଧା ଦାସ, ଶମ୍ଭୁନାଥ ନାୟକ, ଅମୀୟ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି ।

୪୫ ବର୍ଷରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରର ରଥଯାତ୍ରା

ଜନସମୁଦ୍ର ପାଲଟିଲା ଶ୍ରଦ୍ଧାକ୍ଷେତ୍ର ଦାଣ୍ଡ, ମହିଳା ଟାଣିଲେ ସୁଭଦ୍ରା ରଥ

ବାଲିଆପାଳ, ୨୯/୦୬ (ନି।ପ୍ର): ଭକ୍ତ ଏବଂ ଭଗବାନଙ୍କ ନିବିଡ ସଂପର୍କକୁ ପ୍ରତିପାଦିତ କରୁଥିବା ଘୋଷଯାତ୍ରାରେ ଶ୍ରଦ୍ଧାକ୍ଷେତ୍ର ଦାଣ୍ଡ ଆଜି ଭକ୍ତ ମୟ ହୋଇଉଠିଛି । ରଥାରୁଢ ପତିତପାବନଙ୍କୁ ଦର୍ଶନକରି ଭକ୍ତ ଧନ୍ୟ ହୋଇଛି ।ଭଗବାନଙ୍କ ସାନିଦ୍ଧ୍ୟଲାଭକରି ହଜାର ହଜାର ଭକ୍ତଙ୍କ ସହ ଶ୍ରଦ୍ଧାକ୍ଷେତ୍ର ଦାଣ୍ଡ ମଧ ଧନ୍ୟ ହୋଇଛି । ତିନିରଥରେ ଅଧିଷ୍ଠିତ ଚତୁର୍ଦ୍ଧାମୁରତୀ ଙ୍କୁ ଦର୍ଶନ ପାଇଁ ଆଜି ଭକ୍ତମାନେ ବିଭୋର ହୋଇଯାଇଥିବା ଦେଖିବାକୁ ମିଳିଥିଲା ।ବାଲିଆପାଳ ଏକପ୍ରକାର ଜନସମୁଦ୍ର ପାଲଟିଯାଇଥିଲା ୩୦ ହଜାରରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଶ୍ରୀ ମନ୍ଦିର ରିତିନିତୀ ପରମ୍ପରା ଅନୁଯାଇ ପ୍ରସିଦ୍ଧିଲାଭ କରିଥିବା ଉ ର ବାଲେଶ୍ୱରର ଶ୍ରଦ୍ଧା କ୍ଷେତ୍ରର ୪୫ ତମ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଚଳିତ ରିତିନିତୀ ଅନୁସାରେ ପ୍ରତ୍ୟୁଷରୁ ଶ୍ରୀଜିଓ ମାନଙ୍କର ସମସ୍ତ ରିତିନିତୀ ସହିତ ମଙ୍ଗଳ ଆଳତୀ ସୂର୍ଯ୍ୟପୂଜା ଆଦି ଯଥା ସମୟରେ ସଂପନ୍ନ ହୋଇଥିଲା । ଅପରାହ୍ନ ୪ଟାରେ ପ୍ରବଳ ଭକ୍ତଙ୍କ ସମାଗମରେ ଖଗଡାପାଳ ସ୍ଥିତ ଶ୍ରୀ ଶ୍ରୀ ଶ୍ରଦ୍ଧାକ୍ଷେତ୍ର ମନ୍ଦିରରୁ ତିନିଠାକୁରଙ୍କୁ ଶଂଙ୍ଖ, ଘ ।, କାହାଳି, ବାଦ୍ୟ, ତଥା ହରିବୋଲ ହୋଳହୋଳିରେ ଚତୁର୍ଦ୍ଧ ଗ ପ୍ରକମ୍ପିତ କରି ପହଣ୍ଡିଆମାନେ ଗୋଟି ପହଣ୍ଡି କରି ପ୍ରଥମେ ସୁଦର୍ଶନ ମହାପ୍ରଭୁ ପରେ ପରେ ବଳଭଦ୍ର, ମାତା ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥ ଙ୍କୁ ରଥାରୁଢ କରାଇଥିଲେ । ଅପରାହ୍ନ ୫ ଟାରେ ଜଗନ୍ନାଥ ମନ୍ଦିର ମୁଖ୍ୟପୂଜକ ବିଷ୍ଣୁଦାସ ପାଠୀ ରଥରେ ଛେରାଁପହଁରା କରିଥିଲେ । ସନ୍ଧ୍ୟା ୬ଟାରେ ରଥ ଟଣା ଆରମ୍ଭ ହୋଇଥିଲା । ସବୁବର୍ଷପରି ଏବର୍ଷ ମଧ ମହିଳାମାନେ ସୁଭଦ୍ରାରଥକୁ ଟାଣିଥିଲେ । ହରିବୋଲ ହୁଳୁହୁଳି ଦେଇ ଖୋଳକୀ ର୍ନ ର ତାଳେ ତାଳେ ଭକ୍ତମାନେ ତିନିରଥକୁ ବାଲିଆପାଳ ବସଷ୍ଟାଣ୍ଡସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ଟାଣିନେଇଥିଲେ । ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ , ରବି ନାରାୟଣ ପଣ୍ଡା,ସତ୍ୟ ପାଠୀ ସମେତ ସେବାୟତ ମାନେ ରୀତିନୀତି ସାମିଲ ହୋଇଥିଲେ । ବସ୍ତା ବିଧାୟିକା ସୁବାସିନୀ ଜେନା ରଥାରୁଢ ଚତୁର୍ଦ୍ଧାମୁରତୀଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ଲାଗି ସ୍ଥାନୀୟ ପୋଲିସ ସହ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥରଲେ । ମାଜିଷ୍ଟ୍ରେଟ ଦାୟିତ୍ୱରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣି ନାୟକ ଥିଲାବେଳେ ବାଲିଆପାଳ ଥାନାଅଧିକାରୀ ଗୋବିନ୍ଦ ବେହେରା ,୨୦ଜଣ ଅଫିସର ଏବଂ ୮ପ୍ଲାଟୁନ ପୋଲିସ ଫୋର୍ସ, ମୂତୟନ ହୋଇଥିଲେ । ସେହିପରି ସୁବର୍ଣ୍ଣରେକଲା ମହାବିଦ୍ୟାଳୟର ଏନସିସି ଛାତ୍ର , ଲକ୍ଷ୍ମୀପ୍ରିୟା ମହାବିଦ୍ୟାଳୟ ଓ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଏନଏସଏସ ଛାତ୍ରୀମାନେ ଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ । ମନ୍ଦିର ପରିଚାଳନାକମିଟି ର ମଧୁସୂଦନ ସାହୁ,ପୂର୍ବତନ ସରପ ମଧୁସୂଦନ ବାରିକ, ମୁରଳୀମୋହନ ସାହୁ, ପ୍ରଫୁଲ୍ଲ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତୀ, ରଥଯାତ୍ରାର ମାଉସୀ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି ,ଦିବ୍ୟକାମ ମହାନ୍ତି ,ସତ୍ୟକାମ ମହାନ୍ତି , ଦିବ୍ୟକାମ ମହାନ୍ତି , ଡ.ସୁଶାନ୍ତ ଦାସ, କେଶବ ରଣା , ସୁଜୟ ପରିଡା, ଜଗନ୍ନାଥ ବାରିକ,ଅରୁଣ ପାତ୍ର , ପ୍ରି ପଟ୍ଟନାୟକ,ସୁଶାନ୍ତ ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଖଗଡାପାଳସ୍ଥିତ ପାଣିଗ୍ରହୀ ଜିଉ ଜଗନ୍ନାଥ ମନ୍ଦିର , ମାନଧାତା ସ୍ଥିତ ଭକ୍ତି କ୍ଷେତ୍ର,ରତାଇ,ଟିକରପଡା ପ୍ରଭୃତି ଜଗନ୍ନାଥ ମନ୍ଦିର ରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି ।

ମଙ୍ଗଳପୁର ଓ ନରେନ୍ଦ୍ରପୁରରେ ରଥଯାତ୍ରା ଅନୁଷ୍ଠିତ

ଭଦ୍ରକ, ୨୯/୦୬ (ନି।ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ଓ ନରେନ୍ଦ୍ରପୁର ଗ୍ରାମରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି । ମଙ୍ଗଳପୁରରେ ସକାଳେ ଯଥାରୀତି ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ଅପରାହ୍ଣରେ ପହଣ୍ଡିବିଜେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପରେ ଗ୍ରାମର ଅବସରପ୍ରାପ୍ତ ପ ।ୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ଦାସ ରାଜା ବେଶରେ ଛେରା ପହଁରା କରିଥିଲେ । ପରେ ଭକ୍ତମାନେ ଘଂଟ, ଘଂଟା, ହୁଳହୁଳି ଦେଇ ସଂକୀର୍ତନ କରି ରଥ ଟାଣିଥିଲେ । ଏହି ରଥକୁ ଶତାଧିକ ମହିଳା ଓ ପୁରୁଷ ମଳିକ ସାହିରୁ ଟାଣି ଟାଣି ଆଣି ମଙ୍ଗଳାସାହି ପୂର୍ବତନ ସରପଂଚ ସୁରେନ୍ଦ୍ର ନାୟକଙ୍କ ବାସଭବନ ସ୍ଥିତ ମାଉସୀମା ବାଡ଼ିରେ ପହଂଚିଥିଲେ । ପୂଜକ ଆଲୋକ ରଂଜନ ଆର୍ଯ୍ୟ ପୂଜା କାର୍ଯ୍ୟ ସମେତ ପହଣ୍ଡି କରାଇଥିଲେ । ଜୟ ଜଗନ୍ନାଥ କମିଟି ଉପଦେଷ୍ଟା ଗୀତିକାର ପଂଚାନନ ନାୟକ, ରମାକାନ୍ତ ମହାଳିକ, ପ୍ରତାପ ଚନ୍ଦ୍ର ନାୟକ, ଅନାଦି ଚରଣ ବେହେରା, ଗଦାଧର ମଳିକ, ଦୁର୍ଗାଚରଣ ନାୟକ, ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ସତ୍ୟାନନ୍ଦ ବାରିକ, କୋଷାଧ୍ୟକ୍ଷ ଚିତରଂଜନ ବାରିକଙ୍କ ସମେତ କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ନରେନ୍ଦ୍ରପୁର ଗ୍ରାମରେ ନରେନ୍ଦ୍ରପୁର, ଛତ୍ରପଦା, ପାଟଣା ଗ୍ରାମର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନରେନ୍ଦ୍ରପୁର ସନାତନ ଗୋସେଇଁଙ୍କ ମଠରୁ ରଥଯାତ୍ରା ଆରମ୍ଭ ହୋଇଥିଲା । ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତିଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରଘୁନାଥ ପଣ୍ଡା ପୂଜାକାର୍ଯ ଓ ପହଣ୍ଡି କରାଇଥିଲେ ।

ରାଉରକେଲା ଇସ୍ପାତ କାରଖାନାର ଆରସିଏମ ବିଭାଗରେ ନିଜସ୍ୱ ରୂପେ ବିକଶିତ ପରୀକ୍ଷଣ ସୁବିଧା ଉଦ୍‌ଘାଟିତ

CENT. MECH. MAINT - RC(M)
SAFETY VALVE
TESTING SECTION

ରାଉରକେଲା, ୨୯/୦୬ (ନି।ପ୍ର): କେନ୍ଦ୍ରୀକୃତ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ବିଭାଗର ମରାମତ ଭବନରେ ଜୁନ୍ ୨୬ ତାରିଖରେ ସିଜିଏମ୍ ଇନ ଚାର୍ଜ (ମେକାନିକାଲ୍ ଏବଂ ସମ୍ବ) ଶ୍ରୀ ଆର.ଏନ୍. ରାଜେନ୍ଦ୍ରନ ଏକ ନିଜସ୍ୱ ରୂପେ ବିକଶିତ ପରୀକ୍ଷଣ ସୁବିଧା ଉଦଘାଟନ କରିଥିଲେ । ଏହି ଅବସରରେ ସିଜିଏମ ମେକାନିକାଲ ଶ୍ରୀ ଦେବେନ୍ଦ୍ର କୁମାର ପାଳ, ସିଏମ୍(ଏମ୍) ବିଭାଗର ଜିଏମ୍ ଇନ-ଚାର୍ଜ ଶ୍ରୀ ଏସ୍.କେ. ପଙ୍କ, ସିଏମ୍(ଏମ୍) ବିଭାଗର ଜିଏମ୍ ଶ୍ରୀ ଏସ୍.ପି. ପଟେଲ, ଏଜିଏମ ଶ୍ରୀ ଏସ୍. ଅଖତର, ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ ।

ନିଜର ବକ୍ତବ୍ୟରେ ଶ୍ରୀ ରାଜେନ୍ଦ୍ରନ୍ ଏହି ସୁବିଧାକୁ ନିଜସ୍ୱ ଭାବରେ ସଂରଚିତ ଏବଂ ବିକଶିତ କରିବା ପାଇଁ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ । ସେ ସମଗ୍ର ପ୍ଲାଣ୍ଟରେ ଆତ୍ମନିର୍ଭରଶୀଳତା, କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା ମାନଦଣ୍ଡ ବୃଦ୍ଧି କରିବାରେ ଏପରି ପଦକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

ନୂତନ ଭାବରେ ଉଦଘାଟିତ ହୋଇଥିବା ଏହି ସୁବିଧା ବିବିଧ ଚାପ ଆବଶ୍ୟକତା ବିଶିଷ୍ଟ ସୁରକ୍ଷା ଭଲ୍ଭ ର ସୁଗମ ଏବଂ ଦକ୍ଷ ପରୀକ୍ଷଣ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଫଳରେ ପ୍ଲାଣ୍ଟର ବିଭିନ୍ନ ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ପ୍ରୟୋଜନୀୟ ସହାୟତା ମିଳିପାରିବ । ଏହି ନିଜସ୍ୱ ସୁବିଧା ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ।

ଜୟପୁର ସିଟିଜେନ କମିଟିର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୨୯/୦୬ (ନି।ପ୍ର): ଜୟପୁର ସିଟିଜେନ କମିଟିର ଏକ କାର୍ଯ୍ୟକାରିଣୀ ବୈଠକ ନାଗରିକ ଭ୍ୱନ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଶାସନକୁ ସହରରେ ରହିଥିବା ସମସ୍ୟା ଏବଂ ତାହାର ସମାଧାନ କରିବା ନିମନ୍ତେ ଲିଖିତ ଅନୁରୋଧ କରିବା ସହ ଦାବୀ କରିଛନ୍ତି । ଏଥି ମଧ୍ୟରୁ ପ୍ରମୁଖ ଦାବୀ ଗୁଡ଼ିକ ହେଲା ସହର ମଧ ଦେଇ ଯାଉଥିବା ପ୍ରମୁଖ ନର୍ଦ୍ଦମା ଗୁଡ଼ିକୁ ଭୂତଳ ଶ୍ୱେଏଜ ସିଷ୍ଟମରେ ଅନ୍ତର୍ଭୁକ୍ତ କରିବା, ସହରରେ ଗୋଟିଏ ରାତ୍ର ପୋଷ୍ଟ ଅଫିସ କରିବା, ସହରର ମଧ ଭାଗରେ ରେଳ ଯାତ୍ରା ଟିକଟ ବୁକିଙ୍ଗ କାଉଂଟର କରିବା, ସର୍ଦାର ପଟେଲ ମାର୍ଗରେ ମହିଳାଙ୍କ ନିମନ୍ତେ ଆଧୁନିକ ଶୌଚାଳୟ କରିବା, ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ, ସହରରେ ଭୁ ବନ୍ଦବସ୍ତ ସେଟେଲମେଂଟ କରିବା, ଡିହେଚହେଚ ରେ ଜନ୍ମ କିମ୍ବା ମୃତ୍ୟୁ ହେଲେ ପୌରରେ ଏହାର ପ୍ରମାଣ ପତ୍ର ଦେବା, ଦ୍ୱିତୀୟ ଦୈନିକ ବଜାର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଡିହେଚହେଚରେ ଡାକ୍ତର ନିଯୁକ୍ତି ସହ ଅଲଟ୍ରାସାଉଣ୍ଡ ମେସିନ ସମସ୍ତଙ୍କ ଚିକିତ୍ସା ପାଇଁ ଉପଲବ୍ଧ କରାଇବା ଏହି ବୈଠକରେ ସଭାପତି ବିନୋଦିନୀ ସାନ୍ତାପାତ୍ର ସମ୍ପାଦକ ଜି ଭି ରେଡ୍ଡୀ ଉପଦେଷ୍ଟା ସତ୍ୟବାନ ପଣ୍ଡା ଉପସଭାପତି ମଦନ ମୋହନ ନାୟକ କାର୍ଯ୍ୟକାରିଣୀ ସଦସ୍ୟ ଭୀମସେନ ଅଗ୍ରୱାଲ, ଦେବେନ୍ଦ୍ର ବାହିନୀପତି, ପି ମହେଶ୍ୱର, ପରମେଶ୍ୱର ପାତ୍ର, ରତ୍ନାକର ଚୌଧୁରୀ, ଜି ଭି ରାଓ, ଭବାନୀ ଆଚାର୍ଯ୍ୟ, ଗୀତ ପ୍ରକାଶ ମିଶ୍ର, ସାନ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଇସ୍ପାତ ଜେନେରାଲ ହସ୍ପିଟାଲ ଦ୍ୱାରା ଅଞ୍ଚଳର ପ୍ରଥମ ୩୬୦ ଡିଗ୍ରୀ ସର୍ଭିକାଲ୍ ସ୍ପାଇନ୍ ସଫଳ ଅସ୍ତ୍ରୋପଚାର

ରାଉରକେଲା, ୨୯/୦୬ (ନି।ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ) ସଫଳତାର ସହ ଅଞ୍ଚଳର ପ୍ରଥମ ୩୬୦ ଡିଗ୍ରୀ ସର୍ଭିକାଲ୍ ସ୍ପାଇନ୍ ଅସ୍ତ୍ରୋପଚାର ସମ୍ପନ୍ନ କରିଛି, ଯାହା ଉନ୍ନତତର ନ୍ୟୁରୋସର୍ଜିକାଲ୍ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ଜୁନ୍ ୧୧ ତାରିଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ମେରୁଦଣ୍ଡ ଆଘାତ ପାଇଥିବା ଝାଡ଼ଖଣ୍ଡର ଜଣେ ୨୩ ବର୍ଷୀୟ ଯୁବକଙ୍କ ଠାରେ ଏହି ବିରଳ ଏବଂ ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା । ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚକୁ ଆଣିଥିଲେ ଏବଂ ସେ ନନ-ଏଣ୍ଟାଇଟେଲ୍ଡ କ୍ୟାସ ବର୍ଗରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ହସପିଟାଲରେ ଭର୍ତ୍ତି ହେବା ସମୟରେ, ସେ ତାଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ ଅକ୍ଷମ ରହିବା ସହ ସମସ୍ତ ଚାରୋଟି ଅଙ୍ଗ ସଂପୂର୍ଣ୍ଣ କ୍ଷୀଣ ଦୁର୍ବଳ ତଥା ସେ ବସି ପାରୁନଥିଲେ ଏବଂ ବେକ ଓ ଶରୀରରେ ତୀବ୍ର ଯନ୍ତ୍ରଣା ଅନୁଭବ କରୁଥିଲେ ।

ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ର ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜରୀ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ଏକ ବ୍ୟାପକ କ୍ଲିନିକାଲ୍ ମୂଲ୍ୟାଙ୍କନରୁ ତାଙ୍କର ସି ୪ –ସି ୫ ସର୍ଭିକାଲ୍ ସ୍ପାଇନ୍ ର ଗ୍ରେଡ୍ ୨ ଡିସଲୋକେସନ୍ ସହିତ ଏକ ଜୀବନ ପ୍ରତି ବିପଦପୂର୍ଣ୍ଣ ଅବସ୍ଥା ଥିବା ଜଣାଯାଇଥିଲା । ଯଦି ଏହା ତୁରନ୍ତ ଚିକିତ୍ସା କରା ନଯାଏ ତେବେ ହାଡର ସ୍ଥାନଚ୍ୟୁତି ସହ ସବୁଦିନ ପାଇଁ ପକ୍ଷାଘାତ, ଶ୍ୱାସକ୍ରିୟା ରେ ଅସୁବିଧା ସହିତ ପ୍ରଣାତାଙ୍କ ର ସମ୍ଭାବନା ମଧ ଥିଲା । ରୋଗୀଙ୍କ ମାଆ ଏବଂ ବଡ଼ ଭାଇଙ୍କ ସହିତ ସବିସ୍ତୃତ ପରାମର୍ଶ ସହ ସେମାନଙ୍କ ସମ୍ମତି ପାଇବା ପରେ, ଏକ ଉଚ୍ଚ-ବିପଦଯୁକ୍ତ ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା । ଡକ୍ଟର ଦେଓ, ଏକ ବହୁମୁଖୀ ଚିକିତ୍ସା ଦଳର ସହଯୋଗରେ ପ୍ରାୟ ୯ ଘଣ୍ଟା ଧରି ଆଭ୍ୟନ୍ତରୀଣ ଓ ବହିଃ ପାର୍ଶ୍ୱରୁ ଏକ ଜଟିଳ ମେରୁଦଣ୍ଡ ସ୍ଥିରୀକରଣ ଅସ୍ତ୍ରୋପଚାର ସଫଳତାର ସହ ସମ୍ପାଦନ କରିଥିଲେ । ଆନାସ୍ଥେସିଆ ଏବଂ ଆଇସିୟୁର ଅତିରିକ୍ତ ସିଏମଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଆନାସ୍ଥେସିଆର ବରିଷ୍ଠ ପରାମର୍ଶଦାତା ଡକ୍ଟର ସ୍ମିତା କୁଜୁର ଆନାସ୍ଥେସିଆରେ ସହଯୋଗ କରିଥିଲେ । ଅପରେସନ ଥିଏଟରକୁ ବ୍ରଦର କମଳାକର ଏବଂ ସିଷ୍ଟର ଲିପିଆ ପରିଚାଳନା କରିଥିବା ବେଳେ ଅସ୍ତ୍ରୋପଚାର ପରର ଯତ୍ନ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ଏକତା ଏବଂ ଅନ୍ୟ ନର୍ସିଂ ଷ୍ଟାଫ୍ ନେଇଥିଲେ ।

ରୋଗୀ ଆର୍ଥିକ ଦୁର୍ବଳଶ୍ରେଣୀର ହୋଇଥିବାକୁ ଦୃଷ୍ଟିରେ ରଖି, ଅମୃତ ଫାର୍ମାସି ମାଧ୍ୟମରେ ସବସିଡି ହାରରେ ଆବଶ୍ୟକୀୟ ସର୍ଜିକାଲ ଉପକରଣ ଏବଂ ଜୀବନ ରକ୍ଷାକାରୀ ଔଷଧର ସମୟୋଚିତ ଯୋଗାଣ କରାଯାଇଥିଲା ।

ଅସ୍ତ୍ରୋପଚାର ପରେ ରୋଗୀ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଦେଖା ଦେଇଛି । ଅସ୍ତ୍ରୋପଚାରର ଗୋଟିଏ ସପ୍ତାହ ମଧ୍ୟରେ, ସେ ତାଙ୍କ ଡାହାଣ ଗୋଡ଼ରେ ଗତିଶୀଳତା ଫେରି ପାଇଛନ୍ତି ଏବଂ ଅନ୍ୟ ସମସ୍ତ ଅଙ୍ଗରେ ଶକ୍ତି ବୃଦ୍ଧି ପାଇବା ସହିତ ସେ ବସିବା ଏବଂ ଠିଆ ହେବାରେ ମଧ ସକ୍ଷମ ହୋଇଛନ୍ତି । ତାଙ୍କ ହସ୍ପିଟାଲରେ ରହଣି ସମୟରେ ସେ ପ୍ରାୟ ୪୦% କାର୍ଯ୍ୟକ୍ଷମ ଉନ୍ନତି ଲାଭ କରିବା ସହିତ ଡାକ୍ତରୀ ତଦାରଖରେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି । ଏଭଳି ସଫଳ ଜଟିଳ ଡାକ୍ତରୀ ଚିକିତ୍ସା ଏହି ଅଞ୍ଚଳର ଲୋକମାନଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରି ଆଇ ଜି ଏଚ ତାର ପ୍ରତିବଦ୍ଧତାକୁ ଦୋହରାଇଛି ।

ଅନହରପୁର ଗ୍ରାମର ନାବାଳକ ମୃତ୍ୟୁ ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

ଭଦ୍ରକ, ୨୯/୦୬ (ନି।ପ୍ର): ଅବେଳରେ ଝଡି ପଡିଥିବା ଅନହରପୁର ଗ୍ରାମର ନିଷ୍ପାପ ବାଳକ ସୌମ୍ୟ ରଞ୍ଜନ ରାଉତଙ୍କ ମୃତ୍ୟୁ କୁ ତିନି ଦିନ ହୋଇଛି । ପୁଅକୁ ହରାଇ ଭାଙ୍ଗି ପଡିଥିବା ମା କୁ ଆଜି ପ୍ରଶାସନ ପକ୍ଷରୁ ସହାୟତାର ହାତ ବଢ଼ାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଏସ ପି ମନୋଜ ରାଉତଙ୍କ ସହ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ମୃତ ବାଳକର ପରିବାରକୁ କିଭଳି ସରକାରୀ ସହାୟତା ଦିଆଯାଇପାରିବ ସେ ନେଇ ଛୋଟିଆ ପ୍ରୟାସ ଟିଏ କରିଥିଲି । ତାଙ୍କ ନିର୍ଦ୍ଦେଶ କ୍ରମେ ଆଜି ଧାମନଗର ତହସିଲଦାର ସାଇ ଲୋକନାଥ ସେଠୀ, ଧାମନଗର ଏସ ଡିପିଓ ତ୍ରିଲୋଚନ ସେଠୀ ,ଅତିରିକ୍ତ ତହସିଲଦାର ସାଇ ସିଲୋନା ,ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା ମୃତ ସୌମ୍ୟର ମାଙ୍କୁ ଭେଟି ୨୫ହଜାର ଟଙ୍କାରଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ବେସାହାରା ପରିବାରକୁ ସରକାରଙ୍କ ବାତ୍ସଲ୍ୟ ଯୋଜନାରେ ପ୍ରତିମାସ ଆର୍ଥିକ ସହାୟତା ଯୋଗାଇ ଦେବାକୁ କଥା ଦେଇଥିଲେ ।

କଟକରେ ଏସ୍‌ଆଇଟି ବୈଠକ: କଳାଧନ ଠାବ ପାଇଁ ସମନ୍ୱୟକୁ ଗୁରୁତ୍ୱ

କଟକ, ୨୯/୦୬ (ନି।ପ୍ର): ଦୁର୍ନୀତି ମାମଲାରେ ଓଡ଼ିଶାରେ ଏବେ ଅଧିକ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡୁଛନ୍ତି । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟରୁ ବିପୁଳ ପରିମାଣର ଟଙ୍କା ଓ ସଂପତ୍ତି ଜବତ କରାଯାଉଛି । ଆଜି କଳାଧନ ପ୍ରସଙ୍ଗରେ କଟକରେ ଅନୁଷ୍ଠିତ ଏସ୍‌ଆଇଟି ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଏଭଳି ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଛି । ଦେଶରେ କଳା ଟଙ୍କା କାରବାର ସମ୍ବପର୍କରେ ତଦନ୍ତ କରୁଥିବା ସ୍ପେସାଲ୍ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି)ର ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ମଧ ଗୁରୁତ୍ୱ ଦିଆଯାଇଛି । ଏସ୍ ?ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ କହିଛନ୍ତି ଯେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରହଣ କରାଯାଇଥିବା ପଦକ୍ଷେପର ଅଗ୍ରଗତି ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇଛି । ଓଡ଼ିଶାରେ ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି । କଳାଧନର ଏକ ଅଂଶବିଶେଷ ହେଉଛି ଦୁର୍ନୀତି । ଅଧିକାରୀ ନିଜ ପଦର ଅପବ୍ୟବହାର କରି ଟଙ୍କା ହାସଲ କରିଥାନ୍ତି । କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରାପଡୁଛି ତାହା ଅନୁଧ୍ୟାନ କରାଯାଉଛି । ଏପରି ଦୁର୍ନୀତିକୁ ନିୟନ୍ତ୍ରଣ କରାଯିବା ସଂପର୍କରେ ବୈଠକରେ ଆଲୋଚନା ହୋଇଛି । ସେହିଭଳି ନିଶାଦ୍ରବ୍ୟ ସଂପର୍କିତ ମାମଲା ଓଡ଼ିଶାରେ ବଢୁଛି ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି । ଲୋକ ନିଶାଦ୍ରବ୍ୟ ଅଭ୍ୟାସର ଶିକାର ହେଲେ ସମାଜ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ । ନିଶା କାରବାର କଳାଧନ ଓ ବେଆଇନ କାର୍ଯ୍ୟ ସହିତ ଜଡ଼ିତ । ଏପରି କାର୍ଯ୍ୟକଳାପ ଉପରେ ଅଙ୍କୁଶ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଚିଟ୍‌ଫଣ୍ଡ କାରବାର ଉପରେ ମଧ ଆଲୋଚନା ହୋଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚିଟ୍‌ଫଣ୍ଡ ସଂପର୍କିତ ଆପରାଧିକ ମାମଲାରେ ସଂଗୃହୀତ ଅର୍ଥ ଜବତ କରୁଥିବା ବେଳେ ଏଥିରୁ ନିବେଶକାରୀ ନିଜ ଟଙ୍କା ଫେରି ପାଉଛନ୍ତି ବୋଲି ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତ କହିଛନ୍ତି । ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅହମଦାବାଦରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ । ଏହାପରେ ପରବର୍ତ୍ତୀ ରିପୋର୍ଟ ଦାଖଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଆଜିର ବୈଠକରେ କଳା ଟଙ୍କାର ଉତ୍ପତ୍ତି ଏବଂ ଏହାକୁ ବିଭିନ୍ନ କାର୍ଯ୍ୟରେ ଲଗାଇବା କିଭଳି ବନ୍ଦ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ସାରା ଦେଶରେ ଏ ସଂପର୍କିତ ମାମଲାରେ ଇଡି, ଆୟକର ବିଭାଗ, ସେଣ୍ଟ୍ରାଲ୍ ଏକ୍ସାଇଜ୍, କଷ୍ଟମ୍‌ସ, ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ, ଡିଆରଆଇ, ସିବିଆଇ, ସିଟି ଜିଏସ୍‌ଟି, କ୍ରାଇମ୍‌ବ୍ରାଞ୍ଚ, ଭିଜିଲାନ୍ସ ଓ ଅନ୍ୟ ସଂସ୍ଥାଗୁଡ଼ିକ ପକ୍ଷରୁ ଏ ପର୍ଯ୍ୟନ୍ତ କରାଯାଇଥିବା ତଦନ୍ତ ନେଇ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଏସ୍‌ଆଇଟି ଉପାଧକ୍ଷ ଜଷ୍ଟିସ୍ ପଶାୟତଙ୍କ ଅଧକ୍ଷତାରେ ତାଙ୍କ ତେଲେଙ୍ଗା ବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ତଦନ୍ତକାରୀ ଏଜେନ୍ସିର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଏହି ବୈଠକରେ ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ଡିଆରଆଇ ଡିଜି ଏ.କେ.ଶ୍ରୀବାସ୍ତବ, ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ.ଜେଠୱା, କ୍ରାଇମ୍‌ବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର, ବିହାର, ଝାଡ଼ଖଣ୍ଡର ବରିଷ୍ଠ ପୁଲିସ ଅଧିକାରୀ, ଅନ୍ୟ ତଦନ୍ତକାରୀ ଏଜେନ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଚା’ ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?

‘ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା’ ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।‘ ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ବା ଆପଣ ଯଦି ଜଣେ ଚା’ ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା’ ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା’ ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା’ ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା’ ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାଜାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ବା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟ୍ସ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା’ ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା’ ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ। ଏକ କପ୍ (୧୫୦ ମିଲି) ବ୍ର୍ୟୁଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ।

ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ:

ଓଉଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ବା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ।

ସେହିପରି ଶୋଇବା ପୂର୍ବରୁ ମଧ୍ୟ ଚା’ ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ୍ୟ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା’ କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ।

ତେଣୁ, କପେ ଗରମ ଚା’ ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା’ ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ବା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ’ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ବା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ’ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା’ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା’ ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ୍ୟ ନିଜେ ଖାଇବା ଶିଖିବ।

ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ: ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ୍ୟ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ। ସ୍ତନରେ ଇନ୍ଫେକ୍ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।



ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ: ଯଦି ମାଆର ସିସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ୍ୟ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

କଙ୍ଗାରୁ ଯତ୍ନ ବ୍ୟବସ୍ଥା କ’ଣ: ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା’ ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରିମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ: ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲେକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

କ୍ଷୀର ପରିମାଣ ବୃଦ୍ଧି ପାଇଁ: ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ: ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

ଶିଶୁର ପ୍ରଥମ ପୋଷଣ: ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା’କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା’ ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।

ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ: ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ।

ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ୍ୟ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ: ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

ମାଆମାନେ ଅଫିସ ଯାଉଥିଲେ କ’ଣ କରିବେ: ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ୍ୟ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

ଗଜା ମୁଗର ଫାଇଦା; ଚର୍ମକୁ କରେ ଚିକ୍କଣ, ହୃଦୟକୁ ରଖେ ସୁସ୍ଥ

ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ବା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ଇ୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...

ହଜମ ପ୍ରକ୍ରିୟାରେ ଉନ୍ନତି ଆସେ: ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ୍ୟ ଗଜାମୁଗ ସହାୟକ ହୋଇଥାଏ।

ପ୍ରୋଟିନ ମିଳେ: ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

ଓଜନ ହ୍ରାସ: ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ବାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ: ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ୍ୟ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି : ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

ଶରୀରକୁ ଡିଟକ୍ସିଫାଏ କରେ: ନିୟମିତ ଗଜା ମୁଗ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ। ଅର୍ଥାତ୍ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ। ଏହା ଦ୍ୱାରା କିଡନୀ ଏବଂ ଯକୃତ ସୁସ୍ଥ ରହିଥାଏ।

ଶକ୍ତି ସ୍ତର ବୃଦ୍ଧି ହୁଏ: ଗଜା ମୁଗ ଖାଇଲେ ଶରୀରକୁ ଏନର୍ଜି ମିଳେ। ଅର୍ଥାତ୍ ଶରୀରର ଶକ୍ତି ସ୍ତର ବୃଦ୍ଧି ପାଇଥାଏ। ଫଳରେ ଦୁର୍ବଳ ଲାଗେନାହିଁ।

ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ଚାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ବା ରକ୍ତ ସମ୍ବନ୍ଧିତ ରୋଗ ହେଲେ ବି ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟାଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ବାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭାରତର ବାୟୁମଣ୍ଡଳ: ସଲଫର ଡାଇଅକ୍ସାଇଡ୍ ଓ ଆମୋନିଆର ବିଷାକ୍ତ ବଳୟ

ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି, ଯାହା ଭାରତର ପରିବେଶ ସୁରକ୍ଷା ଏବଂ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (CREA) ଦ୍ୱାରା ପ୍ରକାଶିତ ଏକ ନୂତନ ବିଶ୍ଳେଷଣ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱରେ ସର୍ବାଧିକ ସଲଫର ଡାଇଅକ୍ସାଇଡ୍ (SO2) ନିର୍ଗମନକାରୀ ଦେଶ ଭାବରେ ପ୍ରଥମ ସ୍ଥାନରେ ରହିଛି । ଏଥିସହିତ, ଆମୋନିଆ (NH3) ନିର୍ଗମନ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ଦୁଇଟି ଗ୍ୟାସ କେବଳ ନିଜେ ବିଷାକ୍ତ ନୁହଁନ୍ତି, ବରଂ ବାୟୁମଣ୍ଡଳରେ ରାସାୟନିକ ପ୍ରତିକ୍ରିୟା କରି ଆହୁରି ମାରାତ୍ମକ ଦ୍ୱିତୀୟକ ପ୍ରଦୂଷକ (secondary pollutants) ସୃଷ୍ଟି କରୁଛନ୍ତି, ଯାହା ଦେଶର ବାୟୁ ପ୍ରଦୂଷଣ ସମସ୍ୟାକୁ ଅଧିକ ଜଟିଳ କରିଛି ।

ଏହି ରିପୋର୍ଟର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଆମୋନିୟମ୍ ସଲଫେଟ୍ ନାମକ ଏକ ଦ୍ୱିତୀୟକ କଣିକାର ସୃଷ୍ଟି । ଯେତେବେଳେ ବାୟୁମଣ୍ଡଳରେ ସଲଫର ଡାଇଅକ୍ସାଇଡ୍ ଓ ଆମୋନିଆ ପରସ୍ପର ସହ ମିଶନ୍ତି, ସେତେବେଳେ ଏହି ଯୌଗିକ ପଦାର୍ଥ ତିଆରି ହୁଏ । CREA ର ବିଶ୍ଳେଷଣ ଅନୁଯାୟୀ, ଭାରତର ସାମଗ୍ରିକ PM2.5 ପ୍ରଦୂଷଣର ପ୍ରାୟ ଏକ-ତୃତୀୟାଂଶ ପାଇଁ ଏହି ଆମୋନିୟମ୍ ସଲଫେଟ୍ ଦାୟୀ । PM2.5 ହେଉଛି ସେହି ସୂକ୍ଷ୍ମ କଣିକା ଯାହା ସହଜରେ ଆମ ଫୁସଫୁସରେ ପ୍ରବେଶ କରି ରକ୍ତ ସ୍ରୋତରେ ମିଶିପାରେ ଏବଂ ହୃଦ୍‌ରୋଗ, ଶ୍ୱାସକ୍ରିୟା ଜନିତ ରୋଗ ଏବଂ ଅକାଳ ମୃତ୍ୟୁର କାରଣ ସାଜିଥାଏ । ଦେଶବ୍ୟାପୀ ଆମୋନିୟମ୍ ସଲଫେଟର ହାରାହାରି ସାନ୍ଦ୍ରତା ୧୧.୯ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟର ରହିଥିବାବେଳେ, କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ୧୦ କିଲୋମିଟର ପରିଧି ମଧ୍ୟରେ ଏହାର ସାନ୍ଦ୍ରତା ୨.୫ ଗୁଣ ଅଧିକ ବୋଲି ଜଣାପଡିଛି।

ଏହି ସଙ୍କଟର ମୂଳ କାରଣକୁ ଦେଖିଲେ ଜଣାଯାଏ ଯେ, ଭାରତର ସମୁଦାୟ ସଲଫର ଡାଇଅକ୍ସାଇଡ୍ ନିର୍ଗମନର ୬୦ ପ୍ରତିଶତରୁ ଅଧିକ କେବଳ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ହୋଇଥାଏ । ଶକ୍ତି ଚାହିଦା ମେଣ୍ଟାଇବା ପାଇଁ କୋଇଲା ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହି ସମସ୍ୟାକୁ ବଢ଼ାଇବାରେ ଲାଗିଛି। ଅନ୍ୟପଟେ, ଆମୋନିଆ ନିର୍ଗମନର ମୁଖ୍ୟ ଉତ୍ସ ହେଉଛି କୃଷି କ୍ଷେତ୍ର, ବିଶେଷକରି ରାସାୟନିକ ସାରର ବ୍ୟବହାର ଏବଂ ପଶୁପାଳନ । ଏହି ଦୁଇଟି ପ୍ରମୁଖ କ୍ଷେତ୍ରରୁ ନିର୍ଗତ ହେଉଥିବା ଗ୍ୟାସ ମିଶି ଦେଶର ବାୟୁକୁ ଏକ ବିଷାକ୍ତ କକଟେଲରେ ପରିଣତ କରୁଛି । ଏହା କେବଳ ମାନବ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁନାହିଁ, ବରଂ ପରିବେଶ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ଏହି ଗ୍ୟାସଗୁଡ଼ିକ ଅମ୍ଳ ବର୍ଷାର ମୁଖ୍ୟ କାରଣ, ଯାହା ଜଙ୍ଗଲ, ଜଳାଶୟ ଏବଂ ଐତିହ୍ୟ ସମ୍ପନ୍ନ ସ୍ଥାପତ୍ୟକୁ ନଷ୍ଟ କରିଦିଏ ।

ସରକାରୀ ସ୍ତରରେ ଏହି ସମସ୍ୟାର ମୁକାବିଲା ପାଇଁ କିଛି ପଦକ୍ଷେପ ନିଆଯାଇଛି। ୨୦୧୫ ମସିହାରେ ପରିବେଶ ମନ୍ତ୍ରାଳୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ପାଇଁ ସଲଫର ଡାଇଅକ୍ସାଇଡ୍ ନିର୍ଗମନର ସୀମା ନିର୍ଦ୍ଧାରଣ କରିଥିଲେ। ଏଥିପାଇଁ ଫ୍ଲୁ ଗ୍ୟାସ୍ ଡିସଲଫରାଇଜେସନ୍ (FGD) ନାମକ ଟେକ୍ନୋଲୋଜିର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି, ଯାହା ୯୫% ପର୍ଯ୍ୟନ୍ତ SO2 ନିର୍ଗମନକୁ ରୋକିପାରିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏହି ନିୟମକୁ କାର୍ଯ୍ୟକାରୀ କରିବାର ସମୟସୀମାକୁ ବାରମ୍ବାର ବଢ଼ାଇ ଦିଆଯାଇଛି ଏବଂ ୨୦୨୩ ଶେଷ ସୁଦ୍ଧା ମାତ୍ର ୮ ପ୍ରତିଶତରୁ କମ୍ ପ୍ଲାଣ୍ଟରେ ଏହି ଟେକ୍ନୋଲୋଜି ଲଗାଯାଇଛି । ସେହିପରି, ଜାତୀୟ ବାୟୁ ସ୍ୱଚ୍ଛତା କାର୍ଯ୍ୟକ୍ରମ (NCAP) ମୁଖ୍ୟତଃ PM10 ଭଳି ପ୍ରାଥମିକ ପ୍ରଦୂଷକ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି, କିନ୍ତୁ SO_2 ଓ NH_3 ଭଳି ଦ୍ୱିତୀୟକ ପ୍ରଦୂଷକ ସୃଷ୍ଟିକାରୀ ଗ୍ୟାସକୁ ଅଣଦେଖା କରୁଛି ।

ଏହି ପରିସ୍ଥିତିରେ ଏକ ବ୍ୟାପକ ଏବଂ ସମନ୍ୱିତ ରଣନୀତିର ଆବଶ୍ୟକତା ରହିଛି । କେବଳ ନିୟମ ପ୍ରଣୟନ କରିଦେଲେ ହେବ ନାହିଁ, ତାହାର ଅନୁପାଳନ ସୁନିଶ୍ଚିତ କରିବାକୁ ପଡ଼ିବ । ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ FGD ଟେକ୍ନୋଲୋଜି ଲଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ କାର୍ଯ୍ୟକାରୀ କରାଯିବା ଜରୁରୀ । ଏହା ସହିତ, ଶକ୍ତି ଉତ୍ପାଦନ ପାଇଁ କୋଇଲା ଉପରୁ ନିର୍ଭରଶୀଳତା କମାଇ ସୌରଶକ୍ତି ଓ ପବନଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ସକୁ ପ୍ରୋତ୍ସାହନ ଦେବାକୁ ହେବ । କୃଷି କ୍ଷେତ୍ରରେ ସାରର ଦକ୍ଷ ବ୍ୟବହାର ଏବଂ ଜୈବିକ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରି ଆମୋନିଆ ନିର୍ଗମନକୁ ନିୟନ୍ତ୍ରଣ କରାଯାଇପାରିବ। NCAPର ପରିସରକୁ ବୃଦ୍ଧି କରି SO_2 ଓ NH_3 ଭଳି ପ୍ରିକର୍‌ସର ଗ୍ୟାସର ନିୟନ୍ତ୍ରଣକୁ ପ୍ରାଥମିକତା ଦେବା ଆବଶ୍ୟକ । ବିକାଶର ଗତିକୁ ବଜାୟ ରଖିବା ସହ ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେବାର ସମୟ ଆସିଛି । ଯଦି ଏହି ବିଷାକ୍ତ ବାୟୁର ଶୃଙ୍ଖଳକୁ ଭାଙ୍ଗିବାରେ ଆମେ ବିଫଳ ହେଉ, ତେବେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭବିଷ୍ୟତର ପରିକଳ୍ପନା ଅସମ୍ଭବ ହୋଇପଡ଼ିବ।

ସାଇପ୍ରସରୁ ସନ୍ଦେଶ

ସୌମେନ୍ଦ୍ର ଜେନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୧୪ ଓ ୧୫ ଦୁଇଦିନ ଧରି ସାଇପ୍ରସ ଗସ୍ତରେ ଯାଇଥିଲେ । ଜି-୭ ବୈଠକ ପାଇଁ କାନାଡା ଯିବା ବାଟରେ ସାଇପ୍ରସକୁ ଗସ୍ତ କରି ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରି ସାମରିକ ସଂପର୍କ ସ୍ତରକୁ ନେବାପାଇଁ ପ୍ରୟାସ କରି ଯେପରି ସଫଳ ହେଲେ ତାହା ଏବେ ଚର୍ଚ୍ଚାର ବଡ ବିଷୟ ହୋଇଛି । ୟୁରୋପର ପ୍ରବେଶ ଦ୍ୱାରରେ ଥିବା ସାଇପ୍ରସ ଦେଖିବାକୁ ଛୋଟ ଦ୍ୱୀପରାଷ୍ଟ୍ରଟିଏ । କିନ୍ତୁ ଏହା ବିଗତ ଦିନମାନଙ୍କରେ ଯେପରି ପଡୋଶୀ ତୁର୍କୀର ସନ୍ତ୍ରାସକୁ ସହନ କରି ଆସିଛି, ଧର୍ମ ଆଧାରରେ ଦେଶରେ ବିଭାଜନ ଦେଖିଆସିଛି, ଦେଶର ଉତ୍ତର ଭାଗ ଜବରଦଖଲ ଦେଖିଛି ତାହା ଠିକ୍ ଭାରତର କାଶ୍ମିର ସହ ତୁଳନୀୟ । ଏହି ମାମଲାର ଖଳନାୟକ ତୁର୍କୀ ପାକିସ୍ଥାନ ପରି ସନ୍ତ୍ରାସୀ ରାଷ୍ଟ୍ରର ଯେପରି ପ୍ରଚଣ୍ଡ ସମର୍ଥକ ସେମିତି ବିଶ୍ୱମଞ୍ଚରେ ସହଯୋଗୀ ମଧ୍ୟ । ନିକଟରେ ଅପରେସନ ସିନ୍ଦୂର ସମୟରେ ପାକିସ୍ଥାନରୁ ଯେଉଁ ଡ୍ରୋନ ଆକ୍ରମଣ ହୋଇଥିଲା ସେଥିଲେ ଭାରତର ଜବାବରେ ୨ଜଣ ତୁର୍କୀର ଡ୍ରୋନ ଚାଳକଙ୍କ ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା । କହିବାକୁ ଗଲେ ପାକ୍‌ରୁ ତୁର୍କୀ ଯୁଦ୍ଧକୁ ନିୟନ୍ତ୍ରଣ କରୁଥିଲା । ତେଣୁ ଆଗାମୀ ଦିନରେ ତୁର୍କୀକୁ ଟାର୍ଗେଟ କରିବାକୁ ଯାଇ ଭାରତର ବିମାନବନ୍ଦର ସେବାରୁ ତୁର୍କୀ କମ୍ପାନୀକୁ ଅନ୍ତର କରାଯିବା ସହ ଭାରତର ପର୍ଯ୍ୟଟକମାନଙ୍କୁ ତୁର୍କୀକୁ ନଯିବା ଲାଗି କୁହାଯିବା ପରେ ତା'ର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି । ଭାରତର ପ୍ରଧାନମନ୍ତ୍ରୀ ମୋଦି ଉତ୍ତର ସାଇପ୍ରସକୁ ଦଖଲ କରିଥିବା ତୁର୍କୀ ପାଇଁ ସାଇପ୍ରସ କାର୍ଡ ଖେଳିବାକୁ ଯାଇ ଭାରତର ସନ୍ଦେଶ ଶୁଣାଇ ଦେଇଛନ୍ତି । ସାଇପ୍ରସ ତୁର୍କୀର ଶତ୍ରୁରାଷ୍ଟ୍ର ହୋଇଥିବା ଯୋଗୁ ଆଗାମୀ ଦିନରେ ସାଇପ୍ରସ ପ୍ରସଙ୍ଗକୁ ବିଶ୍ୱମଞ୍ଚରେ ସମର୍ଥନ ଦେଇ ଭାରତ ତୁର୍କୀ-ବିରୋଧୀ ଅଭିଯାନ କରିବ ବୋଲି ସ୍ପଷ୍ଟ ହୋଇଛି ।

ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀଙ୍କ ପରେ ନରେନ୍ଦ୍ର ମୋଦୀ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଯିଏକି ସାଇପ୍ରସ ଗସ୍ତ କରିଛନ୍ତି । ମୋଦିଙ୍କ ଗସ୍ତକାଳରେ ଯେପରି ସାଇପ୍ରସର ରାଷ୍ଟ୍ରପତି ନିଜେ ବିମାନ ବନ୍ଦରରେ ଉପସ୍ଥିତ ରହି ମୋଦିଙ୍କୁ ଲାଲ କାର୍ପେଟର ସ୍ୱାଗତ ଜଣାଇଲେ ତାହା ବେଶ୍ ଚକିତ କଲାପରି ଥିଲା । ସାଇପ୍ରସ ରାଷ୍ଟ୍ରପତି ନିକୋଲାସ ଖ୍ରୀଷ୍ଟୋଡୁଲିଡେସ ଭାରତରେ ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିବା ସହ ଭାରତ-ସାଇପ୍ରସ ମଧ୍ୟରେ ରହିଆସିଥିବା ଐତିହାସିକ, ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ର, ଶାନ୍ତି,ବିଶ୍ୱନୀତି ଆଧାରିତ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ୧୯୭୪ରୁ ତୁର୍କୀ ସମର୍ଥିତ ସେନା ଉତ୍ତର ସାଇପ୍ରସକୁ ବଳପୂର୍ବକ ଦଖଲରେ ରଖିଥିବା ହେତୁ ସାଇପ୍ରସକୁ ସମର୍ଥନ କରି ଭାରତ ତୁର୍କୀ ବିରୋଧୀ କାର୍ଯ୍ୟକ୍ରମକୁ ସାଇପ୍ରସରେ ସୁଦୃଢ କରିବାକୁ ପ୍ରୟାସ କରି ସଫଳ ହୋଇଛି । ତୁର୍କୀ ଭାରତର ଶତ୍ରୁରାଷ୍ଟ୍ର ପାକିସ୍ଥାନକୁ ସମର୍ଥନ କଲାପରି ଭାରତ ତୁର୍କୀର ଶତ୍ରୁରାଷ୍ଟ୍ର ସାଇପ୍ରସକୁ ସମର୍ଥନ କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟାପକ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛି । ଭାରତପରି ବଡରାଷ୍ଟ୍ରର ଆର୍ଥିକ ଏବଂ ସାମରିକ ସହଯୋଗ ପାଇଲେ ସାଇପ୍ରସ ତୁର୍କୀକୁ ଜବାବ ଦେବାକୁ ସକ୍ଷମ ହେବ , ଯାହା ନରେନ୍ଦ୍ର ମୋଦିଙ୍କ ଇଚ୍ଛା ରହିଛି ।

ଅନ୍ୟପକ୍ଷରେ ଦେଖିଲେ ଭାରତ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ସାଇପ୍ରସକୁ ଅଧିକ ଗୁରୁତ୍ୱ ଦେବାର ମୂଳରେ ରହିଛି ୟୁରୋପରେ ବ୍ୟବସାୟ ଏବଂ ପ୍ରଭାବବୃଦ୍ଧି । କାରଣ ୟୁରୋପୀୟ ୟୁନିଅନରେ ୨୦୨୬ରେ ସାଇପ୍ରସ ଅଧକ୍ଷପଦ ଗ୍ରହଣ କରିବ । ସେହି ସମୟରେ ଭାରତ ସପକ୍ଷରେ ଅଧିକ ନିଷ୍ପତ୍ତି ନିଆଯିବା ଭାରତ ସରକାର ଚାହୁଁଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ପାଗଳାମୀପୂର୍ଣ୍ଣ ପଦକ୍ଷେପ ଯୋଗୁ ଭାରତର ସଂପର୍କ ଆଗାମୀ ଦିନରେ ଭଲ ନହେବା ପରି ଜଣାପଡୁଛି । ଚୀନ ପରେ ଭାରତକୁ ଚେକ୍ କରିବା ଲାଗି ଆମେରିକା ଯୋଜନା ଆରମ୍ଭ କରିଦେଇଛି । ଭାରତର ସ୍ୱାର୍ଥକୁ ଆଘାତ କଲାପରି ଅନେକ କଠୋର ନିଷ୍ପତ୍ତି ଆଗାମୀ ଦିନରେ ଆମେରିକା ଗ୍ରହଣ କରିପାରେ । ସେଥିପାଇଁ ବାଣିଜ୍ୟିକ ସ୍ୱାର୍ଥକୁ ୟୁରୋପ ସହ ଅଧିକ ସୁଦୃଢ କରିବାକୁ ଭାରତ ଆଗ୍ରହୀ ରହିଛି । ଏହାଛଡା ଭାରତ ୟୁରୋପକୁ ଯେଉଁ ବାଣିଜ୍ୟିକ ମାର୍ଗ ନିର୍ମାଣ କରିବାକୁ ଚାହୁଁଛି ସେଥିରେ ସାଇପ୍ରସକୁ ରଖିବାର କାରଣ ହେଲା ଯେ ଏହା ଗ୍ରୀକ୍ ଭାଷାଭାଷୀ ଲୋକଙ୍କ ଅଞ୍ଚଳ ହୋଇଥିବା ହେତୁ ଏବଂ ଗ୍ରୀସର ଭାରତରୁ ପରିବହନ କରିଡରରେ ସାମିଲ କରିସାରିଥିବାର ସାଇପ୍ରସକୁ ସେଥିରେ ମିଶାଇବା ପାଇଁ ଚାହୁଁଛି । ଆଗାମୀ ଦିନରେ ଭାରତ- ଗ୍ରୀସ୍-ଆର୍ମେନିଆ ମଧ୍ୟରେ ଏକ ତ୍ରିଶକ୍ତି ମେଣ୍ଟ ଗଠନ ହେବାର ସମ୍ଭାବନା ରହିଛି । ତୁର୍କୀ ନିକଟସ୍ଥ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖିବା ସହ ତୁର୍କୀ ବିରୋଧୀ ଅଭିଯାନକୁ ଜୋର୍‌ଦେବା ଏବଂ ଭାରତର ଶତ୍ରୁବୋଧକୁ ସୁଦୃଢ କରିବାକୁ ଭାରତ ସରକାର ଚାହୁଁଛନ୍ତି । ୟୁରୋପର ବନ୍ଦରଗୁଡିକ ସହ ଭାରତକୁ ଯୋଡିବା ପାଇଁ ଅଧିକ ପୁଞ୍ଜିନିବେଶ, ନିର୍ମାଣରେ ଭାରତ ସାମିଲ ହେବାକୁ ଚାହୁଁଛି, ଯାହା ଫଳରେ ବାଣିଜ୍ୟିକ ମାର୍ଗ ସହ ପ୍ରବେଶ ପଥଗୁଡିକ ଅଧିକ ଉନ୍ମୁକ୍ତ ହେବ । ସାଇପ୍ରସର ବନ୍ଦରଗୁଡିକରେ ଏଥିପାଇଁ ଭାରତ ପାଇଁ ଢେର ସୁଯୋଗ ରହିଛି । ଏହାଛଡା ୟୁରୋପର ନାଟୋ ମେଣ୍ଟରେ ଥିବା ରାଷ୍ଟ୍ରଗୁଡିକ ଆଗାମୀ ଦିନରେ ଆମେରିକାଠାରୁ ନିର୍ଭରଶୀଳତା ହ୍ରାସ କରିବାକୁ ଯୋଜନା କରୁଛନ୍ତି । ପ୍ରତିରକ୍ଷା ସାମଗ୍ରୀ ବିକ୍ରୟ ଏବଂ ଆଧୁନିକୀକରଣ କ୍ଷେତ୍ରରେ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡିକୁ ଆମେରିକା ତୁଳନାରେ କମ୍ ମୂଲ୍ୟରେ ଅଧିକ ସହାୟତା ଯୋଗାଇପାରିବ । ୟୁରୋପରେ ଭାରତର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକୁ ବୃଦ୍ଧି କରିବାକୁ ଭାରତର ଲକ୍ଷ୍ୟ ଥିବା ହେତୁ ଏବଂ ଭାରତର ପ୍ରତିରକ୍ଷା ସାମଗ୍ରୀର ମାନ ଅନ୍ୟ ନିର୍ମାଣକାରୀ ରାଷ୍ଟ୍ରଗୁଡିକ ତୁଳନାରେ ଅଧିକ ଭଲ ଏବଂ ଶସ୍ତା ରହୁଥିବା ହେତୁ ବହୁରାଷ୍ଟ୍ର ଆଗାମୀ ଦିନରେ କ୍ରେତା ହେବାର ସମ୍ଭାବନା ରହିଛି । ଭାରତ-ସାଇପ୍ରସ-ଗ୍ରୀସ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ପାଇଁ ଲକ୍ଷ୍ୟ ରଖାଯାଇଛି । ସାଇପ୍ରସ ଭିଜନ-୨୦୩୫କୁ ନେଇ କାର୍ଯ୍ୟକରୁଥିବା ପରି ଭାରତ ବିକଶିତ ଭାରତ-୨୦୪୭କୁ ନେଇ କାର୍ଯ୍ୟ କରୁଛି । ଭାରତ ସରକାର ଡିଜିଟାଲ କାରବାର ପାଇଁ ୟୁପିଆଇକୁ ସାଇପ୍ରସରେ ଚାଲୁକରିବା ସପକ୍ଷରେ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ୭ଟି ଦେଶରେ ୟୁପିଆଇ ବ୍ୟବସ୍ଥା ଚାଲୁ ହୋଇଥିବାରୁ ଆଗାମୀ ଦିନରେ ଅଧିକ ଦେଶକୁ ଏହା ପ୍ରସାରିତ କରିବାକୁ ସରକାରଙ୍କ ଆଗ୍ରହ ରହିଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଗସ୍ତକାଳରେ ସାଇପ୍ରସର ସର୍ବୋଚ୍ଚ ନାଗରିକ ସମ୍ମାନ "ଗ୍ରାଣ୍ଡ କ୍ରସ ଅଫ୍ ଦି ଅର୍ଡର ଅଫ୍ ମାକାରିଓସ୍-୩"ମିଳିଥିଲା । ମୋଦି ସେହି ସମ୍ମାନକୁ ଦେଶବାସୀଙ୍କ ସମ୍ମାନ ବୋଲି କହିଥିଲେ । ସାଇପ୍ରସର ସାଂସଦ ମୋଦିଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବା ଘଟଣା ବଡ ଚର୍ଚ୍ଚାର ବିଷୟ ପାଲଟିଥିଲା । ମୋଦିଙ୍କ ପ୍ରତି ସାଇପ୍ରସର ଲୋକଙ୍କ ମନରେ ଯେଉଁ ଶ୍ରଦ୍ଧା ରହିଆସିଛି ଏହା ତାର ନିଦର୍ଶନ ଥିଲା । ମୋଦିଙ୍କ ଗସ୍ତକାଳରେ ଉତ୍ତର ସାଇପ୍ରସର ଅଞ୍ଚଳ ବା ତୁର୍କୀ ସମର୍ଥିତ ବାହିନୀ ଦଖଲକରି ରଖିଥିବା ଅଞ୍ଚଳ ଦେଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଇଥିଲେ । ଆଗାମୀ ଦିନରେ ତୁର୍କୀ ବିରୋଧରେ ଏବଂ ସାଇପ୍ରସର ଅଖଣ୍ଡତା ସପକ୍ଷରେ ଭାରତ ବିଶ୍ୱମଞ୍ଚରେ ଦାବି କରିବାକୁ ମନସ୍ଥ କରିଛି ଯାହାକି, ତୁର୍କୀ ସରକାରଙ୍କ ଚିନ୍ତାକୁ ବଢାଇବ ।

ଦୁଇଦେଶ ମଧ୍ୟରେ ପଞ୍ଚବାର୍ଷିକ କାର୍ଯ୍ୟଯୋଜନା (୨୦୨୫-୨୯) ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି । ଭୂମଧ୍ୟ ସାଗରରେ ମିଳିଥିବା ତୈଳକୂପରୁ ଉତ୍ତୋଳନ ପାଇଁ ତୁର୍କୀ ପ୍ରତିବନ୍ଧକ ହେଉଥିବାରୁ ଭାରତ-ସାଇପ୍ରସ ମିଳିତ ଭାବରେ ତୈଳ ଉତ୍‌ଖନନ କରିବାକୁ ଯୋଜନା କରିଛନ୍ତି । ଏ କ୍ଷେତ୍ରରେ ଭାରତର ଦକ୍ଷତା ରହିଥିବାରୁ ଏବଂ ବିଶୋଧନ କ୍ଷେତ୍ରରେ ଭାରତୀୟ କମ୍ପାନୀମାନେ ପୃଥିବୀରେ ଅଗ୍ରଣୀ ଥିବା ହେତୁ ସାଇପ୍ରସ ଏହାର ସୁବିଧା ପାଇପାରିବ । କୌଣସି ରାଷ୍ଟ୍ର ଉତ୍ତର ସାଇପ୍ରସକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଆଜିଯାଏଁ ଦେଇନାହାନ୍ତି ଭାରତ ତୁର୍କୀର ଜବରଦଖଲ ବିରୋଧରେ ସାରା ବିଶ୍ୱରେ ପ୍ରଚାରକଲେ ସାଇପ୍ରସର ଲାଭ ହେବ,ତୁର୍କୀର କ୍ଷତି ହେବ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକାଳରେ ଦୁଇଦେଶର ବାଣିଜ୍ୟିକ କ୍ଷେତ୍ରର ନେତୃବୃନ୍ଦଙ୍କ ମଧ୍ୟରେ ବୈଠକର ଆୟୋଜନ ହୋଇଥିଲା । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସହଯୋଗ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ୨୦୨୩-୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୭ ମିଲିଅନ ଡଲାର ଥିଲା । ଭାରତର ଔଷଧ, ପୋଷାକ, ଲୌହ ଓ ଇସ୍‌ପାତ, ମେସିନ୍ ଓ ଯନ୍ତ୍ରପାତି, ରାସାୟନିକ ପଦାର୍ଥ ମୁଖ୍ୟତଃ ସାଇପ୍ରସକୁ ରପ୍ତାନୀ ହେଉଛି । ସାଇପ୍ରସ ସହ ପ୍ରତିରକ୍ଷା ବାଣିଜ୍ୟ ବଢିଲେ ଭାରତର ରପ୍ତାନୀ ବହୁଗୁଣିତ ହେବ ଏଥିରେ ସନ୍ଦେହ ନାହିଁ ମୋଦିଙ୍କ ଏହି ଗସ୍ତ ଯୋଗୁ ଆଗାମୀ ଦିନରେ ଭାରତ ଲାଭବାନ ହେବ ନିଶ୍ଚୟ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ସରକାରୀ ଯୋଜନା ସବୁ ସାଧାରଣ ଜନତାଙ୍କ ପାଖରେ କେବେ ପହଞ୍ଚିବ ?



ସୁବ୍ରତ କର

ଏହି ପ୍ରଶ୍ନ ମୁଁ ଉଠାଇ ନାହିଁ ଏହା ଉଠାଇଚନ୍ତି ଆମ ରାଜ୍ୟର ରାଜ୍ୟପାଳ ନିଜେ । ଖାଲି ପ୍ରଶ୍ନ କରି ନାହାନ୍ତି ସେ ଏହା ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହା ନିଶ୍ଚିତ ଶତକଡ଼ା ଶତଭାବ ସତ ଏବଂ ସରକାରୀ ବାବୁମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଭାରତ ସରକାର ହେଉ ବା ଆମ ରାଜ୍ୟ ସରକାର ଅନେକ ଲୋକକୈନ୍ଦ୍ରିକ କଲ୍ୟାଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ଏହା ପ୍ରାୟ ଗରିବ, ଦୁର୍ବଳ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ହେଉଛି ମୂଳ ଉଦ୍ଦେଶ୍ୟ । କିନ୍ତୁ ସଚେତନତା ଅଭାବରୁ ବହୁ ସଂଖ୍ୟକ ଯୋଗ୍ୟ ବ୍ୟକ୍ତି ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଉପରେ ଟିପ୍‌ପଣି ଦେଇ ଆମ ରାଜ୍ୟପାଳ କହିଛନ୍ତି ଯେ ଏହାର ମୂଳକାରଣ ହେଲା ରାଜ୍ୟର ସରକାରୀ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ । ସେ ଏହା ଉପରେ ନିଜର ଅସନ୍ତୋଷ ଜାହିର କରିଛନ୍ତି । ତାଙ୍କର ବକ୍ତବ୍ୟ ଖୁବ୍ ତିକ୍ଷ୍ଣ ଏବଂ ସ୍ପଷ୍ଟ ଥିଲା ଯେ ରାଜ୍ୟର ୫ ପ୍ରତିଶତ ଲୋକ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଜାଣିଥିବାବେଳେ ବାକି ୯୫ ପ୍ରତିଶତ ଜନସାଧାରଣଙ୍କୁ ବିଶେଷ କିଛି ଜଣାନାହିଁ । ଏହା ପାଇଁ ଦାୟୀ ହେଉଛନ୍ତି ସରକାରୀ ବାବୁମାନେ କାରଣ ଯୋଜନା ବିଷୟରେ ସେମାନଙ୍କ ଠାରେ ମଧ୍ୟ ଜ୍ଞାନ ସ୍ୱଳ୍ପ । ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସେ ମହା ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅଭିଯାନର ଶୁଭାରମ୍ଭ ସେ ନିଜେ ରାଜ ଭବନରେ କାର୍ଯ୍ୟରତ ୧୦୧ ଜଣଙ୍କର ଆବେଦନ ପତ୍ର ଷ୍ଟେଟ ବ୍ୟାଙ୍କ ରାଜଭବନ ଖାତାକୁ ପଠାଇଥିଲେ ଏବଂ ସେମାନଙ୍କ ନାମରେ ପଞ୍ଜିକରଣ ମଧ୍ୟ କରାଇଥିଲେ । ଏପରି ବକ୍ତବ୍ୟ ଏବଂ ଉଦାହରଣ ସୃଷ୍ଟି କରିଥିବା ଭଦ୍ରଲୋକ ରାଜ୍ୟପାଳଙ୍କ ବଦଳରେ ଅନ୍ୟ କେହି ସରକାରୀ ବାବୁ କରିଥିଲେ ଜନସାଧାରଣ ଖୁସି ମିଳିଥାଆନ୍ତା, କିନ୍ତୁ ଦୁଃଖର କଥା ଏହିପରି କାର୍ଯ୍ୟ ରାଜ୍ୟପାଳ ନିଜେ କରି ଅନ୍ୟ ସରକାରୀ ବାବୁମାଙ୍କ ପାଇଁ ଦୃଷ୍ଟାନ୍ତ ରଖିଲେ । ଏମିତି ବି ହୋଇପାରେ ଅନେକ ସରକାରୀ ବାବୁ ସବୁକିଛି ଜାଣି ମଧ୍ୟ ସାଧାରଣ ଜନତାଙ୍କ ପାଖରେ ମୁହଁ ଇଚ୍ଛା କରି ଖୋଲୁ ନାହାନ୍ତି କାରଣ ଯେତେବେଳେ ସାଧାରଣ ଜନତା ସବୁ ସରକାରୀ ଯୋଜନା ବିଷୟରେ ଜାଣି ଯିବେ ସେତେବେଳେ ସରକାରୀ ବାବୁମାନଙ୍କ ଓଜନ କମିଯିବ ଆଉ ସାଧାରଣ ଜନତାଙ୍କୁ ଭୂତେଇ ପାରିବେ ନାହିଁ । ସରକାର ଏବଂ ସାଧାରଣ ଜନତାଙ୍କ ମଝିରେ ରହି ଜନ ପ୍ରତିନିଧି ମାନେ ସେ ସରପଞ୍ଚ ହୁଅନ୍ତୁ ବା ଏମ.ଏଲ.ଏ । ଦେଖିବା କଥା ଏ ବାବୁମାନେ ଯୋଜନା ଜାଣିବାରେ କେତେ ପାରଙ୍ଗମ ଅଛନ୍ତି । ପ୍ରତି ସ୍ତରରେ ଯଦି ଯୋଜନାଗୁଡ଼ିକ ବିଷୟରେ ଖୋଲା ଖୋଲି ଭାବରେ ଆଲୋଚନା ହୁଅନ୍ତା, ସଚେତନତା ଆଣିବାରେ ଚେଷ୍ଟା କରା ହୁଅନ୍ତା ତେବେ ସାଧାରଣ ଜନତା ଏହାର ପାଇଦା ନେଇପାରନ୍ତେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଆମ ରାଜ୍ୟରେ ସରକାରୀ ବାବୁ ହୁଅନ୍ତୁ ବା ଜନ ପ୍ରତିନିଧି ହୁଏତ ଚାହାନ୍ତି ନାହିଁ ଆମ ସାଧାରଣ ଜନତା ସବୁ କିଛି ଜାଣି ଯାଆନ୍ତୁ । କିନ୍ତୁ ଏମାନେ ବୁଝି ପାରୁ ନାହାନ୍ତି ଯେ ଏହାଦ୍ୱାରା ଆମ ଲୋକ ଅସୁବିଧାରେ ପଡୁଛନ୍ତି ଏବଂ ଦିନକୁ ଦିନ ଆମ ରାଜ୍ୟ ପଛୁଆ ରାଜ୍ୟ ହୋଇ ରହିଯିବ ।

କାହା ପାଇଁ ତୁହି ଅଟକି ଗଲୁ

କୁନା ସେଠୀ

କହରେ କାଳିଆ କଣ କଲୁ
ରାଗ କଲୁ ନା ରୋଷ କଲୁ
କେଉଁ ଭକତକୁ ଅପେକ୍ଷା କରି ତୁ
ବଡ଼ ଦାଣ୍ଡ ଟାରେ ଅଟକି ଗଲୁ ।

ଲକ୍ଷ ଲକ୍ଷ ଭକ୍ତ ବଡ଼ ଦାଣ୍ଡେ ଥିଲେ
ରଥ ଦଉଡ଼ିକୁ ଟାଣି ଧରିଥିଲେ
ତଥାପି ତୁ ଚାହିଁଥିଲୁ
ଘୁଞ୍ଚିବା ଛାଡି ତୋ ରଥ ଗୋଟି ପରା
ଅଚଳ ତୁ ରଖିଦେଲୁ ।

ବଡ଼ ଭାଇ ବାଟେ ଯାଉଥିଲେ ବୋଲି
ଡାକିଲୁ ତାହାଙ୍କୁ ମନ ତୋର ଖୋଲି
ଅଟକିଲେ ସିଏ ସେଠି
ଜମା ଘୁଞ୍ଚିଲେନି ଆଗକୁ ଆଉ ସେ
ଗଲେନି ମାଉସୀ କୋଠି ।

ସୁଭଦ୍ରା ଭଉଣୀ ମନ କଥା ଜାଣି
ତୁମରି ଡାକକୁ ପାରିଲେ ସେ ଶୁଣି
ଆଗକୁ ଗଲେନି ଜମା
ଗୁହାରି କଲେବି ନ ଶୁଣିଲ ତିନି
ଲଙ୍ଘିଲ ଭକ୍ତର ସୀମା ।

ଅଭିମାନ କିବା କରିଲ ଠାକୁରେ
ଭକତ କି ତୁମ ରହିଗଲା ଦୁରେ
ଅଟକିଲ ବଡ଼ ଦାଣ୍ଡେ
ଠେଲାପେଲା ହୋଇ ଭକତ ଗଡ଼ିଲେ
ନ ଦେଖିଲ ତାଙ୍କୁ ଦଣ୍ଡେ ।

+ଭୁତସରସିଙ୍ଗି,
ପୁରୁଷୋତ୍ତମପୁର,ଗଞ୍ଜାମ

ଜଗା ତୋ ଦର୍ଶନ

ଦିବାକର ନାୟକ

ଦେଶ ବିଦେଶରୁ ଅକଳନ ଭକ୍ତ
ବଡଦାଣ୍ଡ ଭାରି ଗହଳି
ଜଗା ତୋ ଦର୍ଶନ କେମିତି କରିବି
ଚିନ୍ତା ମୋର ଉଠେ କୁହୁଳି..
ବଡଦାଣ୍ଡ ଭାରି ଗହଳି ।।

ବାଡି ନଡ଼ିଆ ମୋ ଆଣିଛି ତୋ ପାଇଁ
ଭାବୁଛି ଦେବି କା ହାତେ
ପାଚିଲା ଆମ୍ବ ମୁଁ ବାଛିକି ଆଣିଛି
କେମିତି ଖୋଇବି ତୋତେ...
ତୁ ସୂରୁଜ ହେଲେ ଫିକା ଫିକା ମୋର
ଭାବନାର ମାଟି ଦିପାଳି...
ଜଗା ତୋ ଦର୍ଶନ କେମିତି କରିବି
ଚିନ୍ତା ମୋର ଉଠେ କୁହୁଳି ।।

ତୋତେ ନ ଦେଖିଲେ ରହି
ପାରିବିନି
ଯାହା ହେଲେ ହେଇଯାଉ
ଭକ୍ତ ସାଲବେଗ ସମାଧି ପାଖରେ
ଅଟକିବୁ ମହାବାହୁ

କୋଉ କୋଣରୁ ବି ଦେଖିଦେଲେ
ଟିକେ
ମନ ମୋ ଉଠିବ ଉଛୁଳି...
ଦେଶ ବିଦେଶରୁ ଅକଳନ ଭକ୍ତ
ବଡଦାଣ୍ଡ ଭାରି ଗହଳି ।।

+ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧

ଆମ ପ୍ରକୃତି

ହରେରାମ ପଣ୍ଡା

ତଳେ ମାଟି, ଉପରେ ଆକାଶ
ପେଟକୁ ଆହାର
ବଞ୍ଚିବାକୁ ଅମ୍ଳଜାନ
ମାଗଣାରେ ସୂର୍ଯ୍ୟ ଚନ୍ଦ୍ରର ଆଲୋକ,
ଏନ୍ତୁଡ଼ିଶାଳରୁ ମଶାଣି ଯାଏଁ
ସବୁ ଯିଏ ଯୋଗାଡି ଦେଇଛି
ସିଏ ଆମ ପ୍ରକୃତି ।
ବସନ୍ତ ପବନରେ ଆମ୍ବ ବଉଳର
ବାସ୍ନା,
କୋଇଲିର କୁହୁ,
ପାହାଡି ଝରଣାର କୁଳୁକୁଳୁ ଗୀତି,
ପହିଲି ଆଷାଢ଼ରେ ବର୍ଷାଭିଜା ମାଟିର
ଗନ୍ଧ,
ମେଘ ଡମ୍ବରୁର ତାଳେ ତାଳେ
ମୟୂରୀର ନୃତ୍ୟ,
ମୁହଁ ସଞ୍ଜରେ ନୀଡ଼ ଫେରନ୍ତା -
ବିହଙ୍ଗ କାକଳି,
ଏଇତ ଆମ ପ୍ରକୃତି ।
ଶୀତୁଆ ସକାଳେ ନଇ କୂଳରେ
ନୂଆ ସୂରୁଜର ଆଲୁଅ ରୋଷଣୀ,
ବଗିଚାରେ ଫୁଲ ଭଅଁରଙ୍କ ଲୁଚକାଳି
ଖେଳ,
ଦୂର ଦୀଗନ୍ତରେ ଅସ୍ତଗାମୀ ସୂର୍ଯ୍ୟର
ଅସ୍ତରାଗ,
କେତେ ମନୋଲୋଭା ଆମ ପ୍ରକୃତି !
କେବେ ପୁଣି ଦେଖାଏ ତା'ର ଉଗ୍ର
ରୂପ ।
ବନ୍ୟା, ବାତ୍ୟା, ଭୂମିକମ୍ପ, ସୁନାମି
ଆଣେ,
ଥରେଇ ଦିଏ ଛାତି,
ନେଇଯାଏ ଜୀବନ,
ଦୋହଲେଇ ଦିଏ ଅସ୍ଥି ପଞ୍ଜର ।
ପ୍ରକୃତିର କରାମତି ଆଗରେ
ହାରିଯାଏ ମଣିଷ।
ସର୍ବହରା ହୁଏ,
ରୋଗ ବ୍ୟାଧିରେ ଯନ୍ତ୍ରଣା ଜର୍ଜରିତ
ହୁଏ ।
ଆଜି ପ୍ରଶ୍ନ ପଚାରିବା ନିଜକୁ -
ଆମେ କିଛି ଭୁଲ କରିନାହୁଁ ତ ?
ପ୍ରକୃତିକୁ ଛାରଖାର କରି
କଂକ୍ରିଟ ଜଙ୍ଗଲ ସୃଷ୍ଟି କରି ନାହୁଁ ତ ?
ଆଉ ବେଳ ନାହିଁ,
ଆସ, ହୋଇଯିବା ପ୍ରକୃତିର ମିତ୍ର ।
ନିଜେ ନିଜକୁ ସଜାଡି ନେବା,
ଗଛ ଲଗାଇବା, ପ୍ଲାଷ୍ଟିକ ବର୍ଜନ
କରିବା,
ପ୍ରଦୂଷଣକୁ ରୋକିବା,
ପ୍ରକୃତି ହସିଲେ ଆମେ ହସିବା ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ: ୯୪୩୮୦୬୫୧୯୫

ଅଲୋଡା କାହାଣୀ

ଭକ୍ତ ଚରଣ ସୁନାନୀ

ଅନ୍ଧାରର ଛାତି ଚିରି
ହୁ ହୁ ଜଳିଉଠେ ଭୟଙ୍କର ନିଆଁ
ପାଉଁଶ ପାଲଟିଯାଏ ମଶାଣିରେ
ମୋ କୁଆଁରୀ ଦେହ
ନିରବୀଯାଏ ଆକୁଳ ଚିତ୍କାର ।

ମୋ ପାଇଁ ଚର୍ଚ୍ଚା ହୁଏ
ଗଣମାଧ୍ୟମରେ
ପ୍ରତିବାଦ ହୁଏ
ବିଧାନସଭା ସମ୍ମୁଖରେ
ଚକା ବନ୍ଦ ହୁଏ ରାଜପଥରେ
ବିରୋଧୀଙ୍କ ହରତାଳରେ
ବିଧାନସଭା ଉଠବସ ହୁଏ ।

କିଛିଦିନ ପରେ
ମୁଁ ସମସ୍ତଙ୍କ ମନରୁ ଲିଭିଯାଏ
ଆପେ ଆପେ
ଧୀରେ ଧୀରେ
ଏବଂ ମୁଁ ଅଲୋଡା କାହାଣୀ
ପାଲଟିଯାଏ
ଅତୀତର କେଉଁ ଏକ ଫର୍ଦ୍ଦରେ ।

+ଖୁଣ୍ଟିଆ,ପର୍ଲା, କଳାହାଣ୍ଡି

ଜଣେ ବାପାଙ୍କ ଚିଠି

ସୁଦର୍ଶନ ମହାପାତ୍ର

ଅନନ୍ୟା, ଶୁଭେଚ୍ଛା ନେବୁ।

ମୁଁ ମାନୁଛି ତୁ କେତେ ଥର କହି ସାରିଲୁଣି ଉପର ଘରେ ରହୁଥିବା ଭଡାଟିଆଙ୍କୁ ବାହାର କରିଦେବା ଲାଗି। ହେଲେ ମୁଁ ପାରିନାହିଁ। ସେଥିପାଇଁ ମୋ ପ୍ରତି ତୋର ତାସ୍ଛଲ୍ୟର ସୀମା ଅତିକ୍ରମ କରି ଯାଇଛି।

ମୁଁ କେତେ ଥର ଭାବିଲିଣି ଏ ମର୍ମରେ ତୋତେ ଚିଠି ଲେଖି ଅବଗତ କରାଇବି ବୋଲି। ହେଲେ ପର ମୁହୂର୍ତ୍ତରେ ସେ ଚିଠିକୁ ତୋ ପାଖରେ ପହଞ୍ଚେଇବାକୁ ଇଛା ହୋଇନି। ପ୍ରତିଥର ଏଇ ଭାବନା ଆସିଛି ଯେ ତୁ ମୋର ଆପଣାର ଝିଅ ହୋଇ ଏମିତି ମାନସିକତାର ବଶବର୍ତ୍ତୀ କେମିତି ହେଲୁ ବୋଲି। ଏସବୁ ତୁ ଇଛା କରି କରୁଛୁ ଅବା କାହା ଚାପରେ ଏମିତି ବଦଳି ଯିବାର ଢଙ୍ଗ ଦେଖଉଛୁ, ତା ମୋତେ ଅଜଣା।

ସେ ଯାହା ବି ହେଉ ଏଇ ଚିଠି ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ତୁ କ'ଣ ନେବାକୁ ଚାହୁଁଛୁ ନିଶ୍ଚୟ ଜଣାଉବୁ।

ଆରମ୍ଭ କରୁଛି ମୋ ଦେହ ଖରାପ ପାଖରୁ। ମୋ ଦେହ ଖରାପର ଦୁଇ ମାସ ଆଗରୁ ତୋର ବାହାଘର କାମ ସାରିଥିଲି। ହଠାତ୍ ଦିନେ ବାନ୍ତିରେ ଏବଂ ମଳ ନିଷ୍କାସନ ସମୟରେ ରକ୍ତ ବାହାରିବାର ଦେଖିଲି। ତୋ ବୋଉ ବ୍ୟସ୍ତ ହୋଇ ପଡିଲା। ମାମୁଙ୍କୁ ଖବର ଦେଲା ଏବଂ ସେଇଠୁ ଆରମ୍ଭ ହେଲା ମୋର ପ୍ରାଥମିକ ଚିକିତ୍ସା।

ଏ ଖବର ପାଇ ତତ୍କାଳୀନ ଘରକୁ ଆସିଲା ଶାଶ୍ୱତ। ସେ ସଦ୍ୟ ସନ୍ୟାସ ଧର୍ମରେ ଦୀକ୍ଷିତ ହୋଇ ହରିଦ୍ୱାରରେ ଥିଲା। ଗୁରୁଙ୍କ ଅନୁମତି ନେଇ ଆସିଥିଲା ଏବଂ ମୋତେ ନେଇଗଲା ଦିଲ୍ଲୀ ଏମ୍ସ ହସ୍ପିଟାଲ। ସେଇଠି ମୋର ପାକସ୍ଥଳୀ ଅପରେସନ ହୋଇଥିଲା ବୋଲି ତୁ ଜାଣୁ। ମାମୁଙ୍କ ସହ ବୋଉ ଯାଇ ବି ପହଞ୍ଚିଥିଲା ଦିଲ୍ଲୀରେ। ଦୀର୍ଘ କେତେଦିନ ପରେ ମୁଁ ସୁସ୍ଥ ହୋଇ ଘରକୁ ଫେରିଲି। ଏଇ ଚିକିତ୍ସା ସମୟ ମଧ୍ୟରେ ତୋର କିଛି କର୍ତ୍ତବ୍ୟ ନଥିଲା ? ଯଦି କୌଣସି ପ୍ରକାରେ ସହାୟତା ଯୋଗାଇ ଦେଇଛୁ ତା'ର ଉତ୍ତର ଅପେକ୍ଷାରେ ରହିଲି।

ଘରକୁ ଫେରିଲୁ ସମସ୍ତେ। କିଛି ଦିନ ପରେ ଏମିତି ଏକ କଥା ପ୍ରସଙ୍ଗରେ ତୋ ବୋଉ ଥରେ କହିଥିଲା 'ତୁମେ ଏତେ ଚାଲାଖ ! ମୁଁ ଥାଉଁ ଥାଉଁ ତୁମେ ଆଗ ଚାଲିଯାଇଥାନ୍ତ, ଆଉ ମୁଁ ତୁମକୁ ଛାଡି ଦେଇଥାନ୍ତି। ଦେଖିବ ରୁହ ତୁମ ଆଗରେ ମୁଁ କେମିତି ଆଗ ଯାଇଁ ସ୍ୱର୍ଗରେ ବସିବି' ।

ତୋ ବୋଉ ଏକଥା କାହିଁକି କହିଥିଲା ସେତେବେଳେ ମୋତେ ଜଣାନଥିଲା, ହେଲେ ତାପରେ ତା'ର ଦେହ ଖରାପ ହେଲା। ମାମୁ ତାକୁ ନେଇ ଡାକ୍ତର ଦେଖାଇଲା ବେଳକୁ ବ୍ରେନ ଟ୍ୟୁମର ଧରା ପଡିଲା। ସେଇ ଟ୍ୟୁମର କ୍ୟାନ୍ସର ରୂପ ନେଇ ତୃତୀୟ ସୋପାନରେ ପହଞ୍ଚି ସାରିଥିଲା।

ତୋ ବୋଉର ଇଛାରେ ଏ ଖବର ଲୁଚାଯାଇଥିଲା ଶାଶ୍ୱତକୁ। ଅଥଚ ଠିକ୍ ଅପରେସନ ଦିନ ହଠାତ୍ ଆସି ପହଁଚିଲା ସେ। ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁ ତା'ର ଆସିବା ଦେଖି। ସେଇ ଗୈରିକ ବେଶ। ସେଇ ସେବା ମନୋବୃତ୍ତି..! ବାପା ମାଆଙ୍କ ପ୍ରତି କର୍ତ୍ତବ୍ୟବୋଧର ନିଦର୍ଶନ। କହିଲା ତା କଥାରେ ଗୁରୁ ଏକମତ। ସନ୍ତାନ ପାଇଁ ପ୍ରଥମ ଈଶ୍ୱର ବାପା ମାଆ।

ବୋଉ ପାଖରେ ଅନ୍ୟୁନ ନଅ ଦଶ ମାସ ଛାଇ ପରି ରହିଥିଲା ତୋର ବଡ଼ଭାଇ ଶାଶ୍ୱତ। ଡାକ୍ତରଙ୍କ ପରାମର୍ଶରେ ମୁଁ ତ ସମ୍ପୂର୍ଣ୍ଣ ବିଶ୍ରାମରେ ଥିଲି। କିଏ କଲା ଏତେ ସବୁ କାମ ? ତୁ ଜାଣୁ ବୋଉ ଥିଲା କୋମା ଷ୍ଟେଜରେ। କିଛି ବୁଝୁନଥିଲା, ଜାଣୁ ନଥିଲା। ଯଦିଓ ଘରୋଇ ନର୍ସଟିଏ ଯୋଗାଡ ହୋଇଥିଲା ହେଲେ ଚିକିତ୍ସାର ସବୁ ଦାୟିତ୍ୱ ବହନ କରୁଥିଲା ସେଇ ଶାଶ୍ୱତ। ବୋଉ ପାଖରେ ଏକ ଈଶ୍ୱରୀୟ ବାତାବରଣ ସୃଷ୍ଟି କରିଥିଲା ସେ। ନିଜର ଜପ, ପ୍ରାର୍ଥନା ସହିତ ବୋଉ ପାଖରେ ଗୀତା ପଢ଼ିବା, ବୋଉର ସେବା କରିବା ଇତ୍ୟାଦିରେ ସେ କାର୍ପଣ୍ୟ କରିନଥିଲା।



ଶେଷରେ ତୋ ବୋଉ ଚାଲିଗଲା ଆରପାରିକୁ। ସ୍ୱର୍ଗଦ୍ୱାରରେ ଦାହ କଲାପରେ ପୁରା ଏକ ନିଷ୍ଠ ହୋଇ ସେ କଲା କ୍ରିୟା କର୍ମ।

ତୁ ଆସି ପହଞ୍ଚିଲୁ ତୋ ବୋଉ ଇହଧାମ ଛାଡ଼ିଲା ପରେ। ବ୍ରାହ୍ମଣ ଭୋଜନ ପାଇଁ କିଛି ଟଙ୍କା ଦେଇଥିଲୁ। ଏହାଛଡା ବୋଉ ପାଇଁ, ପରିବାର ପାଇଁ ତୋର ଆଉ କିଛି କର୍ତ୍ତବ୍ୟ ନଥିଲା କି ?

ତା'ପରେ ମୁଁ ହୋଇଗଲି ସମ୍ପୂର୍ଣ୍ଣ ଏକାକୀ। ନିଜ ନିଜ ସଂସାରକୁ ସମସ୍ତେ ଫେରିଗଲ। ଶାଶ୍ୱତ ବି ଚାଲିଗଲା ତା ପଥରେ। ମାମୁ ଆସି ବେଳେ ବେଳେ ଦେଖା ଚାହାଁ କରୁଥିଲେ ଅବଶ୍ୟ। ହେଲେ ଦେହ ପା, ଖାଦ୍ୟପେୟ,ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦିରେ ବିଭ୍ରାଟ ସୃଷ୍ଟି ହେଲା। ଅବଶ୍ୟ ମଝିରେ ମଝିରେ ତୋର ନିମନ୍ତ୍ରଣ ଆସୁଥିଲା 'ମୋ ପାଖକୁ ପଳେଇଆସ' ।ଏଇ ଉକ୍ତି ପଛରେ ଥିଲା କି ଅନୁରକ୍ତି ?

ସେ ଯାହା ହେଉ ଯେତେ ହେଲେ ତୁ ବିବାହିତା ଝିଅ ! ତୋ କଥାରେ ମୁଁ ଯାଇ ରହି ପାରିଥାନ୍ତି ତୋ ପାଖରେ ? ତୋ ଶ୍ୱଶୁର ଘର ଲୋକେ କ'ଣ ଚାହିଁଥିଲେ ମୋର ତୋ ପାଖରେ ରହଣିକୁ ?

'ପାଖକୁ ପଳେଇଆସ' କହି ଯଦି ଭାବୁଥାଉ ତୋ କର୍ତ୍ତବ୍ୟ କରିଛୁ, ଠିକ୍ କଥା ନୁହେଁ। ଆଉଥରେ ଏ ବିଷୟରେ ତର୍ଜମା କରିବୁ।

ନିଜେ ରୋଷେଇ କରି ଖାଇ, ନିଜ କାମ କରି ଚଳିଯାଇଥାନ୍ତି। ହେଲେ ସମୟ ଭଲ ଯାଇନଥିଲା।

ଦୁଇ ଜଣ ପିଲା ଆସି ମୋ ଉପରେ ଯେଉଁଦିନ ବାଇକ୍ ବାଡ଼େଇ ଦେଲେ, ମୁଁ ସଂଜ୍ଞାହୀନ ହୋଇ ପଡ଼ିଥିଲି। ହସ୍ପିଟାଲରେ ଭର୍ତ୍ତି ହେଲି ତ ପରେ ଦେଖିଲି ମୋର ଦାନ୍ତ କେତୋଟି ବାହାରି ଯାଇଛି।

ପୁଣି ଆସି ପହଁଚିଲା ତୋର ବଡ଼ଭାଇ। ମାମୁ ବି ଆସିଥିଲେ। ହେଲେ ଘର ଛାଡ଼ି ଅନ୍ୟ କାହା ଘରେ ରହିବାକୁ ମୋର ପସନ୍ଦ ନଥିଲା। ଏପରି ସ୍ଥଳେ ଅନ୍ୟାନ୍ୟ ଉପାୟ ନଦେଖି ମୋର ଦେଖାଶୁଣା କରିବା ପାଇଁ ଶାଶ୍ୱତ ତା'ର ସମ୍ୟକ ପରିଚିତ ଲୋକକୁ ଭଡାଟିଆ ହିସାବରେ ଆଣି ରଖିଲା ଉପର ଘରେ। ଉଦ୍ଦେଶ୍ୟ ଥିଲା ସମୟ ଅସମୟରେ ଦେଖାଶୁଣା କରିବା କିମ୍ବା କାହାକୁ ମୋ ବିଷୟରେ ଖବର ଦେଇପାରିବେ ସେ।

ସେବେଠାରୁ ପ୍ରଶାନ୍ତ ଏବଂ ତା'ର ପରିବାର ସେଇ ଉପର ଘରେ ଭଡାଟିଆ ହୋଇ ରହୁଛନ୍ତି। ସେଇ ପରିସ୍ଥିତିରେ ତୋର ଯଦି ଆପତ୍ତି କିଛି ଥିଲା କହି ପାରିଥାନ୍ତୁ। ତୁ ବି ସେ ପ୍ରସ୍ତାବରେ ରାଜି ହୋଇଗଲୁ। ସେତେବେଳେ ନୂଆ ପ୍ରସ୍ତାବ କିଛି ଦେଇ ପାରିଥାନ୍ତୁ। ଦେଇଥିଲୁ କି ?

ଏହା ମଧ୍ୟରେ ଦୀର୍ଘଦିନ ଅତିକ୍ରାନ୍ତ। ପ୍ରଶାନ୍ତ ଓ ତା'ର ପରିବାର ସେମାନଙ୍କର କର୍ତ୍ତବ୍ୟ ଯଥା ସମ୍ଭବ କରିଛନ୍ତି।

ଏବେ ଆସିଲା ତୋର ଘରର ଆବଶ୍ୟକତା। ପୁଅର ବ୍ରତଘର ପାଇଁ ତୁ ଶାଶୁଘର ଗାଆଁକୁ ନଯାଇ ଏଇଠି ଭୁବନେଶ୍ୱରରେ ମଣ୍ଡପ ନେଇ କରିବାକୁ ଚାହିଁଲୁ ଏବଂ ନିଜେ ପରିବାର ସହ ରହିବୁ ବୋଲି ଜିଦ୍ କରୁଥିଲୁ ସେମାନଙ୍କୁ ବାହାର କରିଦେବା ପାଇଁ। ସେମାନେ ଏ ସମୟରେ ହଠାତ୍ କୁଆଡେ ଯିବେ ବୋଲି ତୋ ଚିନ୍ତନର ବାହାରେ।

ଆଛା କହିଲୁ, ତୁ ଏତେଦିନ ଧରି କୁଆଡେ ଥିଲୁ ? ମୋର ଦେହ ପା ଖବର କେତେ ବୁଝିଛୁ ? କରୋନା ସମୟରେ ସମସ୍ତେ ଗୃହବନ୍ଦୀ ଥିଲା ସମୟରେ ଥରେ ଚିନ୍ତା କରିଥିଲୁ କି ମୁଁ କେମିତି ରହିଲି ? ଅଥଚ ଯିଏ ଦୀର୍ଘ ଆଠ ବର୍ଷ ଧରି ମୋର ଦେଖାଶୁଣା କରୁଛନ୍ତି ତାଙ୍କୁ ହଠାତ୍ ତୋର ସାତଦିନର ଆବଶ୍ୟକତା ପାଇଁ ଘରୁ ବାହାର କରି ଦେଇଥାନ୍ତି ?

ପୁଅ ବ୍ରତଘର ଅବସରରେ ଆସିଲୁ ବୋଲି ମୋ ପାଖକୁ ଆସିଲୁ। ଗୋଟିଏ ଦିନ ରହିଲୁ। ପୁଅ ବ୍ରତଘର ପାଇଁ ମୋର ସଞ୍ଚିତ ଦୁଇ ଲକ୍ଷ ଟଙ୍କା ନେଇ ସାମାନ୍ୟ ଖୁସି ହେଲୁ। ମୋତେ ଧନ୍ୟବାଦ ଦେଲୁ। ହେଲେ ଯାହା ହେପାଜତରେ ତୋର ବାପା ରହିଛନ୍ତି ତାଙ୍କୁ ଧନ୍ୟବାଦ ଦେବା ପରିବର୍ତ୍ତେ ତାଙ୍କୁ ଅଭଦ୍ରୋଚିତ ବ୍ୟବହାର କଲୁ । ଆଉଥରେ ପ୍ରମାଣିତ କରିଦେଲୁ ଯେ ତୁ ଆମଠାରୁ କିଛି ବି ସଂସ୍କାର ପାଇନାହୁଁ ବୋଲି।

ଯଦି ତୋତେ ଦେଖାଗଲା ବାପାଙ୍କ ପୋଷାକ ପରିଚ୍ଛେଦଠାରୁ ଆରମ୍ଭ କରି ଘରଦ୍ୱାର ମଇଳା ଅଛି, ତୁ କ'ଣ କିଛି ପରିଷ୍କାର କରିବାକୁ ଚେଷ୍ଟା କରିଥିଲୁ କି ? ବାପାଙ୍କୁ କିଛି ଭଲ ଜିନିଷ ରୋଷେଇ କରି ଖାଇବାକୁ ଦେଲୁ କି ? ବରଂ ସେଇ ଭଡାଟିଆ ମୋ ସହିତ ତୋର ଆଉ ତୋ ପରିବାର ପାଇଁ ଖାଇବା ପ୍ରସ୍ତୁତ କରି ଖୁଆଇଲେ। ତାପରେ ବି ସେମାନଙ୍କୁ ମନଇଛା ଅପଶବ୍ଦ ଶୁଣାଇଲୁ।

ତୋର ବଡ଼ଭାଇ ସଂସାର ବନ୍ଧନରେ ନରହିଲେ ବି ତା'ର କ'ଣ ବଞ୍ଚିବାର ଅଧିକାର ନାହିଁ ? ତୁ ଓ ଜୋଇଁ ଦୁହେଁ ରୋଜଗାର କରୁଛ। ହେଲେ ଶାଶ୍ୱତ ରୋଜଗାର କରୁନାହିଁ ବୋଲି ମୁଁ ଥାଉଁ ଥାଉଁ ତାକୁ ଉପବାସ ରହିବାର ଦେଖିବି ? ସେ ବିନା ଖାଇବାରେ ରହିବ ଆଉ ମୁଁ ଶାନ୍ତିରେ ରହିବି ?

ମୁଁ ଏବେ ଠିକ୍ କରିଛି ଶାଶ୍ୱତ ପାଖରେ ଯାଇଁ ରହିବି। ସେ ଭଡାଟିଆ ଲୋକ ବି ଘର ଖାଲି କରି ଚାଲିଯିବେ। ଏବେ ତୁ ଠିକ୍ କରି କହ ତୁ କେବେଠୁ ଆସି ଏ ଘରର ରକ୍ଷଣାବେକ୍ଷଣ କରିବୁ। ଏଇ ଘର ଖଣ୍ଡିକ ପୁରୁଣା ହେଲାଣି। ଭୁବନେଶ୍ୱରରେ ଘର ଖଣ୍ଡିଏର ଆବଶ୍ୟକତା ଉପଲବ୍ଧି କରିଥିଲି ତୁମ ମାନଙ୍କର ପଢ଼ା ଶୁଣାରେ ଅସୁବିଧା ହେବ ନାହିଁ ବୋଲି। ସେତେବେଳେ ଭାବିଥିଲି ତୁମ ଦୁହିଁଙ୍କର ଭବିଷ୍ୟତ ଗଢିବାରେ ଏଇ ଦୁଇ ବଖୁରିକିଆ ଘର ହେଲେ ବି କାମରେ ଲାଗିବ। ତାପରେ ଉପରେ ଆଉ ଦୁଇ ବଖରା କରିଥିଲି।

ଏବେ ଏଇ ଘର ଉପରେ ତୋର ଆଖି। ଏଇ ଘର ପାଇଁ ତୁ ସମ୍ପର୍କକୁ ବାଜି ଲଗାଇବାକୁ ବଦ୍ଧପରିକର। ତୋ ନାଁ ରେ ଏଇ ଘରକୁ ବିଦ୍ଧିବଦ୍ଧ କରିବାରେ ମୋର ଆପତ୍ତି ନାହିଁ। ଶାଶ୍ୱତର ବି ଆପତ୍ତି ନାହିଁ।

ମୋର କିଛି ପେନସନ ଏବଂ ଘରଭଡ଼ା ପାଇ ଆମେ ବାପ ପୁଅ ଦୁହେଁ ଚଳି ଯାଉଥିଲୁ। ମୋର ଅବର୍ତ୍ତମାନରେ ଶାଶ୍ୱତ ଚଳିବା ପାଇଁ ତୁ ଯେ କିଛି ବ୍ୟବସ୍ଥା କରିବୁ ସେ ଆଶା ବି ନାହିଁ। ତା ପ୍ରତି ହିଁ ତୋର ଅକୁଣ୍ଠ ଘୃଣା ବଳବତ୍ତର ବୋଲି ମୋର ବୁଝିବାରେ ବାକି ନାହିଁ। ତା'ର କାରଣ ବି ଜଣା। ତୁ ହିଁ ଆପତ୍ତି କରିଥିଲୁ ପେନସନ ଟଙ୍କା ଶାଶ୍ୱତ ପାଇଁ ମୁଁ ଖର୍ଚ୍ଚ କରୁଛି ବୋଲି।

ଶେଷରେ ଏତିକି ମନକୁ ଆସୁଛି। ମୋର ତୁମେ ଦୁହେଁ ପୁଅ ଝିଅ ଥିଲ। ଈଶ୍ୱରଙ୍କ ଆଶୀର୍ବାଦରୁ ତୋର ବି ପୁଅଟିଏ ଝିଅଟିଏ। ମୁଁ ସିନା ମୋ ଝିଅକୁ ସଂସ୍କାର ଦେଇ ପାରିଲିନି,ତୁ ଯେମିତି ସେମିତି କିଛି ଭୁଲ ନକରୁ। ନଚେତ୍ ଇତିହାସର ପୁନରାବୃତ୍ତି ହେବାର ସମ୍ଭାବନା ଅଛି...!!!

ଏଇଠି ରହୁଛି। ତୋର ଶୁଭାକାଂକ୍ଷୀ ବାପା ।

+କୁଞ୍ଜବିହାରୀ ଲେନ, କଟକ

ଗୋଲଡେନ ପିରିଅଡ

ସୁନନ୍ଦା ମହାନ୍ତି



ହସ୍ପିଟାଲରୁ ଡିଉଟି ସାରି ଖୁବ ଡେରି ରାତିରେ ଘରକୁ ଫେରୁଥାଆନ୍ତି ଡାକ୍ତର ଅନିମେଷ ରାଉତରାୟ। ହେଡ ଲାଇଟରେ ଦେଖିଲେ କେହି ଜଣେ ପଡିଛି ରାସ୍ତାରେ। ପାଖକୁ ଯାଇ ଦେଖିଲେ ପୁରୁଷ ବା ଯୁବକ ନୁହେଁ ବରଂ ଯୁବତୀ ଜଣେ। ଏତେ ରାତିରେ ବିଚରା ଝିଅଟାକୁ ସାହାରା ନହେଲେ ମରିଯିବ ବିଚାରୀ। ଡାକ୍ତର ହିସାବରେ ସେ ଜାଣନ୍ତି ଆକ୍ସିଡେଣ୍ଟ ହେଉ ବା ରୋଗ। ଗୋଟେ ଗୋଲଡେନ ପିରିଅଡ ଥାଏ ରୋଗୀ ପାଇଁ। ଯେଉଁ ସମୟରେ ଉପଚାର କଲେ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବଞ୍ଚିଯାଇ ପାରେ ରୋଗୀ। ଝିଅଟିର ନାଡି ଚାଲୁଛି ତ ହେଳା ନକରି ପଛ ସିଟରେ ଶୁଆଇ ପୁଣି ଫେରିଲେ ହସ୍ପିଟାଲ ଅନିମେଷ। ପ୍ରାଥମିକ ଚିକିତ୍ସା ପରେ ସାଲାଇନ ଓ ଇଞ୍ଜେକେସନ ଦେବା ପରେ ମଧ ଚେତା ଫେରିନଥାଏ ଝିଅଟିର। କେତେ କଥା ଭାବୁଥାଆନ୍ତି ଅନିମେଷ। ଆଜିକାଲି ଝିଅ ମାନଙ୍କର ସ୍କୁଲ ଜୀବନ ପରେ କଲେଜକୁ ଆସି ଏଇ ପ୍ରେମ ଚକ୍କରରେ ପଡି ଏ ଅବସ୍ଥା। ପ୍ରତାରଣା ପାଉଛନ୍ତି ଅନେକ ତ ଗାଡି ଆଗକୁ ଡେଇଁ ପ୍ରାଣ ହରାଉଛନ୍ତି ମଧ ଅନେକ। ତା ଛଡା ଗୋଟେ ଝିଅ ହିସାବରେ ଏତେ ରାତିରେ ଏକୁଟିଆ ବାହାରକୁ ବାହାରିବା ତ ସ୍ୱାଧୀନତା ନାମରେ ଆସ୍ପର୍ଦ୍ଧା କେବଳ। ଯେତେ କର୍ମଠ, ଚଳଚଞ୍ଚଳ, ଗତିଶୀଳ ପାଠୁଆ ଝିଅ ହୁଅନା କାହିଁକି ପୁରୁଷର ଲୋଲୁପ ଦୃଷ୍ଟିରୁ ବଞ୍ଚି ଆଜିଯାଏ ରାତିରେ ଏକାକୀ କିଏ ବା ବାଟ ଚାଲିପାରିଛି। ସ୍ୱପ୍ନ ଦେଖିବାକୁ ମନା ନାହିଁ କିନ୍ତୁ ସ୍ୱପ୍ନକୁ ସାକାର କରିବାକୁ ପଥ ଓ ପାଥେୟ ନିର୍ଣ୍ଣୟ କରିବା ପାଇଁ ସମାଜ, ପରିବାରର ଆବଶ୍ୟକତା ଯେତିକି ସେମାନଙ୍କ ସହମତିରେ କାମ କଲେ ମଧ ଜୀବନ ସୁଖମୟ ହୁଏ ? କିଏ ଏହି ଝିଅ ? କଣ ତାର ଠିକଣା ? ଏମିତି କେତେ କଣ ଭାବୁ ଭାବୁ ଝିଅଟିର ଚେତା ଫେରିଥିଲା। କ୍ଷୀଣ କଣ୍ଠରେ ସେ ପାଣି ପାଣି ବୋଲି କହୁଥିଲା ତ ପାଣି ପିଆଇବାକୁ ଯାଇ ଚମକି ପଡିଲେ ଅନିମେଷ। ଏଯାଏଁ ଭଲକରି ଦେଖିନଥିବା ଝିଅଟିକୁ ସେ ଭଲ ଭାବେ ଜାଣନ୍ତି। ତାଙ୍କ ଗାଁର ଝିଅ ଶ୍ୟାମଳୀ। ପାଣି ପିଇ ସାରି ଝିଅଟିକୁ ଇଞ୍ଜେକ୍ସନ ଦେବା ପରେ ସେ ଶୋଇଗଲା କିନ୍ତୁ ଅନିମେଷଙ୍କର ଆଖି ପତା ଲାଗିଗଲା।

ଫୋନ ରିଙ୍ଗ ହେବାରୁ ଉଠି ପଡି ଦେଖିଲେ ମାଆର ଫୋନ। ସବୁଦିନ ଡିଉଟି ସାରି ଘରକୁ ଫେରିଲେ ସେ ମାଆ ସହ କଥା ହୁଅନ୍ତି। ଯଦି କୋଉଦିନ କଥା ହୋଇପାରନ୍ତି ନାହିଁ ତ ମାଆ ଫୋନ କରି ଦେହମୁଣ୍ଡ କଥା ପଚାରିବା ସହ ଦିନଯାକର ଧାରାବିବରଣୀ ଦିଅନ୍ତି। କାଲି ସେ ଶ୍ୟାମଳୀର ଚିକିତ୍ସା ଭିତରେ ବୁଡି ରହି ମାଆଙ୍କୁ ଫୋନ କରିପାରିନାହାଁନ୍ତି କିନ୍ତୁ ପ୍ରତିବଦଳରେ ମାଆ ଫୋନ କରିପାରିନଥିବାର କାରଣ ବାହା ବେଦୀରୁ ଶ୍ୟାମଳୀର ନିଖୋଜ ଘଟଣା ଯୋଗୁଁ ଗାଁ, ସାଇ ଭାଇ ଓ ଶ୍ୟାମଳୀ ପରିବାରର ଦୁଃଖରେ ନିଜକୁ ସାମିଲ କରି ମାଆ କୈଫତର ଫର୍ଦ୍ଦ ସବୁ ବାଢିଲା ବେଳେ ଶ୍ୟାମଳୀ ମୋ ପାଖରେ ମାଆ କହିବାକୁ ଯାଇ ବେଡ଼ ଉପରେ ସେ ନଥିବା ଦେଖି ଚମକି ପଡିଲେ ଅନିମେଷ। ଡିଉଟିରେ ଥିବା ଅନ୍ୟ ଷ୍ଟାଫମାନେ ଅନିମେଷଙ୍କୁ ଦେଖି ଯେତିକି ବିଚଳିତ ଅନିମେଷ ଶ୍ୟାମଳୀ ଚିଠିଟିକୁ ପଢି ସେତିକି ଭାରାକ୍ରାନ୍ତ। ଶ୍ୟାମଳୀ ଲେଖିଥିଲା ସେଦିନ ଗାଁ ନଈରେ ବୁଡ଼ିଯାଉଥିଲା ବେଳେ ମତେ ଉଦ୍ଧାର କରି ପ୍ରଥମ ଜୀବନ ଦାନ କରିଥିଲ। ପୁନର୍ଜନ୍ମର ସେହି ପ୍ରଥମ ଦିନରୁ ମୁଁ ତୁମକୁ ହୃଦୟ ସିଂହାସନରେ ବସାଇ ସାରିବା ପରେ ଆଉ କାହା ହାତ କେମିତି ଧରିଥାନ୍ତି କୁହ ଅନିମେଷ ? ଆଜି ଜୀବନ ହାରୁ ହାରୁ ପୁଣି ତୁମ ହାତରେ ଦ୍ୱିତୀୟ ଥର ପୁନର୍ଜନ୍ମ ପାଇଥିଲେ ବି ତୁମେ ବା ତୁମ ମାଆ ମତେ କେବେବି ଗ୍ରହଣ କରିବ ନାହିଁ। ସେଦିନ ଏକା କଲେଜରେ ପ୍ଲସ ଟୁରେ କଲେଜରେ ତୁମ ଜୁନିଅର ଥିଲା ବେଳେ, ଅନେକ ପୁଅଙ୍କ ପ୍ରେମ ପ୍ରତ୍ୟାଖ୍ୟାନ କରିବାକୁ ଯାଇ ତୁମକୁ ମୋ ପ୍ରେମିକ ବୋଲି ଦେଖାଇ ଦେଇଥିବାରୁ ଯୋଉ ଅପମାନ ପାଇଛି ତୁମଠୁ ଭୁଲିନି ଏଯାଏଁ। ମାଉସୀ ଅର୍ଥାତ ତୁମ ମାଆଙ୍କ ପାଖରେ ମୋ ମାଆ ତୁମ ପାଇଁ ମୋ ପ୍ରସ୍ତାବ ନେଇ ଯିବାରେ ମଧ କାଳୀ ଝିଅ କହି ମାଆ ଯେଉଁ ଅପମାନ ଦେଇଛନ୍ତି ତାହା ମଧ ଭୁଲିନି। ତୁମେ ଆଜି ଖାଲି ମୋର ମନ ତଳର ପ୍ରେମିକ ନୁହଁ ବରଂ ମୋ ଭଗବାନ ପାଲଟି ଯାଇଛ। ମୁଁ ନର୍ସିଙ୍ଗ କରି ବର୍ତ୍ତମାନ ଯୋଉଠି କାର୍ଯ୍ୟରତ ସେହି ସ୍ଥାନକୁ ଫେରିଯାଉଛି।

ଶ୍ୟାମଳୀ କୋଉଠି ଚାକିରୀ କରେ ମାଆ ? ସେଇଠି ସେ ଅଛି କହି ଅନିମେଷ ମଧ କାର ଛୁଟାଇ ଦେଇଥିଲେ ମାଲକାନାଗିରିର ଏକ ଜନଜାତି ପରିବେଷ୍ଟିତ ହସ୍ପିଟାଲକୁ। ଯୋଉଠି ଶ୍ୟାମଳୀଙ୍କୁ ସମସ୍ତେ ଦେବୀ ମାନୁଥିଲେ। ସମସ୍ତ ଆଦିବାସୀଙ୍କ ସୁଖ ଦୁଃଖରେ ସାମିଲ ହୋଇ, ସେମାନଙ୍କ ପିଲାମାନଙ୍କୁ ପାଠ ଶାଠ ପଢ଼େଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ଶ୍ୟାମଳୀ। ସେଠାରେ ପହଞ୍ଚି ଅନିମେଷ ଦେଖିଲେ ତାଙ୍କ ଗ୍ରାମରପ୍ରାୟ ସମସ୍ତ ଲୋକଙ୍କ ସହ ମାଆ। କିନ୍ତୁ ମାଆଙ୍କର କଣ ହୋଇଛି କଥା କହୁନାହାଁନ୍ତି କଣ ପାଇଁ। ଗୋଟେ ଛୋଟ ଦୁର୍ଘଟଣାରେ ବହୁତ ରକ୍ତଶ୍ରାବ ହୋଇଯାଇଛି ଶୁଣି ଶ୍ୟାମାଳୀ ଦିଦି ତାଙ୍କୁ ନିଜ ରକ୍ତ ଦେଇଛନ୍ତି କାରଣ ଏଠିତ ବ୍ଲଡ଼ ବ୍ୟାଙ୍କ ନାହିଁ ଯେ ଯିଏ ବି ଯୋଉ ରକ୍ତ ଦେଉ ତା ବଦଳରେ ରୋଗୀକୁ ତା ବ୍ଲଡ଼ ଗ୍ରୁପ ଅନୁଯାୟୀ ବ୍ଲଡ଼ ମିଳିବ ? ଶ୍ୟାମଳୀଙ୍କ ବ୍ଲଡ଼ ଗ୍ରୁପ ମାଆଙ୍କ ଗ୍ରୁପ ମିଶିଯିବାରୁ ସେ ହିଁ ରକ୍ତ ଦେଇ ବଞ୍ଚେଇ ଦେଇଛନ୍ତି ମାଆଙ୍କୁ। ଏସବୁ ଶୁଣି ଅନିମେଷ ତୁରନ୍ତ ମାଆ ଓ ଶ୍ୟାମଳୀଙ୍କ ସେ୍ୱା ଶୁଶ୍ରୂଷାରେ ଲାଗିପଡିଲେ। ମାଆ ଆଖି ଖୋଲିଲେ ହେଲେ ଖୋଲୁନଥିଲେ ଶ୍ୟାମଳୀ। ମାଆ କହୁଥିଲେ ଆଖି ଖୋଲ ମାଆ, ତୋ ରକ୍ତ ନେଇ ମୁଁ ବଞ୍ଚି ଲାଭ କଣ ମାଆ। ମୁଣ୍ଡ ଉପରେ ଛାତ ନଥିଲେ ସେ ଘର ଯେମିତି ରହିବା ଯୋଗ୍ୟ ନୁହେଁ। ତୋ ପରି ମଜଭୂତ କାନ୍ଥ ନଥିଲେ, ଘରକୁ ଖୋଲା ଅଗଣା ପରି ତୁ ନଥିଲେ ମୁଁ ବଞ୍ଚି ଲାଭ କଣ ମାଆ। ମାଆ ଦେବୀ ଦୁର୍ଗା ମୋ ବୋହୂ ଶ୍ୟାମଳୀକୁ ରକ୍ଷା କର। ମାଆଙ୍କ ବୋହୂ ବୋଲି ସମ୍ବୋଧନରେ କେଜାଣି କାହିଁକି ଅନିମେଷଙ୍କୁ ଆଜି ଶତସିଂହର ବଳ ଆସୁଥିଲା ତ ଶ୍ୟାମଳୀଙ୍କୁ ବଞ୍ଚାଇବାରେ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ସେ। ଉଭୟ ପକ୍ଷର ଗ୍ରାମବାସୀ, ଶ୍ୟାମଳୀଙ୍କ ପିତା,ମାତା ଓ ଆତ୍ମୀୟ ସ୍ୱଜନଙ୍କ ଡାକ ଦେବୀ ମାଆ ଶୁଣିଲେ। ଉଠିବସିଲେ ଶ୍ୟାମଳୀ କିନ୍ତୁ ଅନିମେଷଙ୍କ ଅତ୍ୟଧିକ ଶାରୀରିକ କ୍ଳାନ୍ତି ଓ ପରିଶ୍ରମ ଯୋଗୁଁ ତାଙ୍କୁ ମଧ ସାଲାଇନ ଓ ଇଞ୍ଜେକ୍ସନ ଦିଆଇ ଶୁଆଇ ପକାଇବା ପରେ ସେ ଉଠିଲେ ସାଷ୍ଟାଙ୍ଗ ହୋଇ। ମାଦଳ ତାଳେ ତାଳେ ମହୁଲି ପିଇ ନାଚୁଥିଲେ ସମସ୍ତେ ଖୁସିରେ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

।। ନାରୀ ।।

ମନୋଜ କୁମାର ବେହେରା

କାମର ଅର୍ଥ ବିନୋଦ, ଉଲ୍ଲାସ ଆଉ ଆନନ୍ଦ ଅଟେ । ମୈଥୁନକୁ କାମ କୁହନ୍ତିନି। କାମ କ୍ଷେତ୍ରର ପରିଧିରେ ତାହା ଗୋଟିଏ ବହୁତ ହିଁ ଛୋଟ ଆଉ ନଗଣ୍ୟର ମାଧ୍ୟମ ହୋଇ ପାରେ । କିନ୍ତୁ ତାହା କୌଣସି ନିରନ୍ତର ବସ୍ତୁତ ନୁହେଁ । କେବେ-କେବେ ତାହା ଉପଯୋଗୀତା ହୋଇଥାଏ । ସେଥିପାଇଁ ମୈଥୁନକୁ ଗୋଟିଏ କୋଣରେ ରଖି କରି ଉପେକ୍ଷଣୀୟ ମାନିକରି ମଧ୍ୟ କମ ଲାଭ କରାଯାଏ । ସ୍ନେହ, ସଦ୍‌ଭାବ, ବିନୋଦ, ଉଲ୍ଲାସର ଉଚ୍ଚସ୍ତରୀୟ ଅଭିବ୍ୟକ୍ତର ଯେଉଁ ପରିଧିରେ ଆସିଥାଏ ତାହାକୁ ଆଧ୍ୟାତ୍ମିକ କାମ କହିପାରିବେ। ନର- ନାରୀର ମଧ୍ୟରେ ବ୍ୟାପକ ସହଯୋଗର, ସମ୍ପର୍କର ସ୍ଥିତିରେ ହିଁ ବ୍ୟକ୍ତ ଆଉ ସମାଜର ବିକାଶ ସମ୍ଭବ ଅଟେ । ତାକୁ ତିଳେ ମାତ୍ର ହାନି ହେବ ନାହିଁ। ସ୍ମରଣ ରଖିବ କି ପାପ କିମ୍ବା ବ୍ୟାଭିଚାରର ସୃଜନ ସମ୍ପର୍କରୁ ନୁହେଁ ଦୁର୍ବୁଦ୍ଧିରୁ ହୋଇଥାଏ । ପୁରୁଷ ଡାକ୍ତର ନାରୀ ପ୍ରଜନନର ଅଭିନ୍ନ ଅଙ୍ଗ ପର୍ଯ୍ୟନ୍ତର ଆବଶ୍ୟକତାନୁସାରେ ଅପରେଶନ କରିଥାଏ । ସେଥିରେ ନା ପାପ ଥାଏ,ନା ଅଶ୍ଳୀଳ, ନା ଅନର୍ଥ ଥାଏ। ଯେଉଁଠି ପାପ ବୃତ୍ତି ନଥିବ ସେଠାରେ ଶରୀର ସ୍ପର୍ଶ କେମିତି ଦୂଷିତ ହେବ ? ଆମେ ନିଜ ଯୁବା ପୁତ୍ରୀର ମୁଣ୍ଡ ଆଉ ପିଠି ଉପରେ ହାତ ରଖି ଆଉଁସି ଦେଇଥାଉ ତାହେଲେ ପାପ କେଉଁଠି ଲାଗିବ । ସାନ୍ନିଧ ପାପ ନୁହେଁ । ପାପ ତ ଗୋଟିଏ ଅଲଗା ଛୁଆଁର ରୋଗ ଅଟେ, ଯାହା ଛବି ଦେଖିକରି ମଧ୍ୟ ଚିତ୍ତକୁ ଉତ୍ତେଜିତ କରିବାରେ ସମର୍ଥ । ଏହି ରୋଗର ଉପଚାର କରାଯିବା ଜରୁରୀ । ଆମର କୁତ୍ସିତ ଦଣ୍ଡ ବିଚାରୀ ନାରୀକୁ ଭୋଗିବାକୁ ପଡେ । ଏହା ସମ୍ପୂର୍ଣ୍ଣ ଅନ୍ୟାୟ ଅଟେ । ଏହି ଅନୀତି ଯେପର୍ଯ୍ୟନ୍ତ ଚାଲିଥିବ, ନାରୀର ସ୍ଥିତି ଦୟନୀୟ ହିଁ ରହିବ । ଆଉ ଏହି ପାପର ଫଳ ବ୍ୟକ୍ତି ଆଉ ସମାଜକୁ ଅସଂଖ୍ୟ ଅଭିଶାପର ରୂପରେ ସମାନ ଭୋଗିବାକୁ ପଡିବ ।

ଭଗବାନ ସେହି ଶୁଭ ଦିନ ଶୀଘ୍ର ହିଁ ଆଣନ୍ତୁ ଯେବେ ନର-ନାରୀ ସ୍ନେହ ଉପଯୋଗୀର ପରି ମିତ୍ର ଆଉ ସଖାର ପରି ପରସ୍ପରର ପୁରକ ହୋଇକରି ସରଳ ସ୍ୱାଭାବିକ ନାଗରିତାର ଆନନ୍ଦ ନେଇକରି ଜୀବନ ଯାପନ କରିପାରିବାର ମନଃ ସ୍ଥିତି ପ୍ରାପ୍ତ କିରି ପାରିବେ । ଆମେ ବିକାରକୁ ରୋକିବା, ସାନ୍ନିଧକୁ ନୁହେଁ । ସାନ୍ନିଧକୁ ଅଟକେଇ ବିକାରର ଉପରେ ନିୟବଣ ପାଇବା ସମ୍ଭବ ନୁହେଁ । ସେଥିପାଇଁ ଆମେ

ସେହି ସ୍ରୋତକୁ ବନ୍ଦ କରିବାକୁ ପଡିବ, ଯାହା ବିକାରରରୁ ଆଉ ବ୍ୟଭିଚାରକୁ ଉସକେଇବାରେ ଉତ୍ତରଦାୟୀ ଅଟନ୍ତି । ଅଗ୍ନି ଆଉ ସୋମ, ପ୍ରାଣ ଆଉ ଜଳ,ରଣ ଆଉ ଧନ ବିଦ୍ୟୁତ ପ୍ରବାହର ସମନ୍ୱୟଏହି ସୃଷ୍ଟିରେ ସଂଚରଣ ଆଉ ଉଲ୍ଲାସର ଅଗ୍ରଗାମୀ ବନେଇ ଚାଲି ଆସିଛି ।

+ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

ବରଗଡ଼ରେ ଲୋକ କବିରତ୍ନ ହଳଧର ନାଗଙ୍କ ଉପରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର, ୨୯/୦୬ (ନି ।ପ୍ର): ଲୋକ କବିରତ୍ନ, ଯାଦବ ରତ୍ନ ଆଦି ଅନେକ ସମ୍ମାନରେ ଭୂଷିତ ପଦ୍ମଶ୍ରୀ ହଳଧର ନାଗ ହେଉଛି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ । ଓଡ଼ିଶାର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ପ୍ରତୀକ । ସମ୍ବଲପୁରୀ ଭାଷାକୁ ସୁସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଶନିବାର ବରଗଡ଼ ବରହାଗୁଡ଼ା ଠାରେ ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଆୟୋଜିତ ଦ୍ୱି-ଦିବସୀୟ ଜାତୀୟ ଆଲୋଚନା ଚକ୍ର "ହଳଧର – ସଜନ ଆର୍ ଦର୍ସନ" କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଏବଂ କ୍ରିଷ୍ଟା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ର ମିଳିତ ଉଦ୍ୟମରେ ଆୟୋଜିତ ଏହି ସେମିନାରକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ବରଗଡ଼ ଭଳି ସାରସ୍ୱତ କେନ୍ଦ୍ରସ୍ଥଳୀରେ ଏହି ସେମିନାର ସ୍ୱାଗତଯୋଗ୍ୟ । ଲୋକକବି ହଳଧର ନାଗଙ୍କ ସାହିତ୍ୟକୁ ନେଇ ଦୁଇଦିନ ଧରି ଆୟୋଜିତ ହେଉଥିବା ଏହି ବହୁଭାଷୀ ଜାତୀୟ ସେମିନାରରେ ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ଗବେଷକ ଯୋଗ ଦେବା ପ୍ରଶଂସନୀୟ । ଏହା ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରିବାରେ ବିଶେଷ ସହାୟକ ହେବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଜଣେ ବ୍ୟକ୍ତିକୁ ଲେଖାରେ ସକ୍ରିୟ କରିବାର ମାଧ୍ୟମ ହେଉଛି ସାହିତ୍ୟ । ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଂଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ । ସାହିତ୍ୟ ଅମର । ସମସ୍ତେ ସାହିତ୍ୟିକ ହୋଇପାରନ୍ତିନି । କିନ୍ତୁ ସମସ୍ତଙ୍କ ମଧ୍ୟରେ ସାହିତ୍ୟ ଥାଏ ତଥା ସାହିତ୍ୟର ଆବଶ୍ୟକତା ରହିଥାଏ । କ୍ୱଚିତ୍ ଲୋକମାନେ ସେହି ବିଚାର ଓ ଆବେଗକୁ ଲୋକଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି । ସେହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ । ତାଙ୍କର ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱର ପଟାନ୍ତର ନାହିଁ । ତାଙ୍କର ଲେଖନୀ ଚାଳନା ଆହୁରି ପ୍ରଶଂସିତ ହେବା ନେଇ ସବୁ ସ୍ତରରେ ଉଦ୍ୟମ ହେବା ଦରକାର । ସେ ଆହୁରି କହିଛନ୍ତି ଯେ ମାତୃଭାଷାରେ ମୌଳିକ ଚିନ୍ତନର ସଠିକ୍ ପରିପ୍ରକାଶ ହୋଇଥାଏ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପ୍ରଣୀତ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଭାରତର ସବୁ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରିଛନ୍ତି । ଓଡ଼ିଆ ଭାଷା ଓ ସମ୍ବଲପୁରୀ ଭାଷା, ଉଭୟ ରାଷ୍ଟ୍ରୀୟ ଭାଷା । ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ବିକଶିତ କରିବାକୁ ହେଲେ ମାତୃଭାଷାରେ ଶିକ୍ଷା ଦେବା ଜରୁରୀ । ଭାରତକୁ ପୁଣି ଥରେ ବିଶ୍ୱର ଶିଖରରେ ପହଂଚାଇବାକୁ ହେଲେ ଆମକୁ ଭାରତୀୟ ଭାଷାକୁ ଅଗ୍ରାଧିକାର ଦେବାକୁ ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଏବଂ ସଂକଳନକୁ ଉନ୍ମୋଚନ କରିଥିଲେ । ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ ବରଗଡ଼ ସାଂସଦ, ବିଧାୟକଗଣ ଏବଂ ଜନପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ ।

ଲଘୁଚାପ ଜନିତ ଲଗାଣ ବର୍ଷାରେ ସହରର ସ୍ଥିତି ବେହାଲ : ସବୁ ଗଳିକନ୍ଦିରେ ପାଣି

ଭଦ୍ରକ, ୨୯/୦୬ (ନି ।ପ୍ର): ନେତା ଆସୁଛନ୍ତି ଯାଉଛନ୍ତି । ପ୍ରଶାସନିକ ଅଧିକାରୀ ନିର୍ଦ୍ଦେଶ ଜାରି କରୁଛନ୍ତି । ଦୀର୍ଘବର୍ଷ ଧରି ଭଦ୍ରକ ସହରର ଜଳାର୍ଣ୍ଣବ ପରିସ୍ଥିତି ସୁଧୁରୁନାହିଁ । ସବୁ ଗଳିକନ୍ଦିରେ ବର୍ଷାଜଳ ଲହଡି ଭାଙ୍ଗୁଛି । ସହରର ତଳି ଅଂଚଳରେ କାହା ଘର ଦୁଆର ମୁହଁରେ ପାଣି ତ କାହା ଘର ଭିତରକୁ ପାଣି ପଶିଗଲାଣି । ଗତ ଦୁଇଦିନର ଲଘୁଚାପ ଜନିତ ବର୍ଷା ଫଳରେ ସହରରେ ଏଭଳି ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷାଋତୁ ପୂର୍ବରୁ ସହର ଓ ଜାତୀୟ ରାଜପଥ ପାର୍ଶ୍ୱ ସଡକପଥର ଡ୍ରେନ୍ ଗୁଡିକ ସଫା ନହେବା ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ତେବେ ସହରର ଏହି ଜଳ ନିଷ୍କାସନ ସମସ୍ୟା ଏବେକାର ନୁହେଁ, ବହୁବର୍ଷ ଧରି ସହରବାସୀ ଏହି ସମସ୍ୟାରେ ପୀଡିତ ଅଛନ୍ତି । ସହରବାସୀଙ୍କ ଏହି ଦୁର୍ଦ୍ଦଶା ଲାଘବ ପାଇଁ ନେତା, ମନ୍ତ୍ରୀ, ପ୍ରଶାସନିକ ବଡପଣ୍ଡାମାନଙ୍କର ଆଦୌ ଆନ୍ତରିକତା ନାହିଁ । ସହରର ଜଳ ନିଷ୍କାସନ ସକାଶେ ବର୍ଷାଋତୁ ପୂର୍ବରୁ ପାରମ୍ପରିକ ଢଙ୍ଗରେ ପ୍ରତିବର୍ଷ ସ୍ଥାନୀୟ ନେତା ଇଂଜିନିୟରିଂ ବିଭାଗକୁ ନେଇ ପ୍ରଶାସନିକ ବୈଠକ ବସୁଛି । ବୈଠକରେ ଉପସ୍ଥିତ ଲାଇନ୍ ଡିପାର୍ଟମେଂଟ ପୌର କର୍ତ୍ତୃପକ୍ଷଙ୍କ ଦସ୍ତଖତିରେ ପ୍ରୋସିଡିଂ ସୀମିତ ରହୁଛି । ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି । କିନ୍ତୁ କାର୍ଯ୍ୟକାରିତାରେ ଶୂନ । ଅପରପକ୍ଷରେ ଟାଉନ୍ ପ୍ଲାନିଂ ଅଫିସ୍‌ରେ ଦଲାଲରାଜ ଯୋଗୁଁ ବେଆଇନ୍ କୋଠାବାଡି ବେଧଡକ ନିର୍ମାଣ ଚାଲିଛି । ଡ୍ରେନ୍ ପାଇଁ ଜାଗା ନଛାଡି ଡ୍ରେନ୍ ଉପରେ ବି ବାସଗୃହ ଠାରୁ ଆରମ୍ଭ କରି ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ମାନ ଛିଡା ହୋଇଛି । ସହରର କେତେକାଂଚଳରେ ପ୍ରଶାସନ ପକ୍ଷରୁ ବେଆଇନ୍ ଭାବେ ଡ୍ରେନ୍ ଉପରେ ନିର୍ମାଣ କରାଯାଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ବାସଗୃହ ଭଂଗାଯାଇଥିଲେ ମଧ୍ୟ ଡ୍ରେନ୍ ଗୁଡିକର ଆବଶ୍ୟକୀୟ ମରାମତି କାର୍ଯ୍ୟ ଆଦୌ ହୋଇପାରିନାହିଁ । ଡ୍ରେନ୍ ଗୁଡିକ ଅଳିଆ ଆବର୍ଜନାରେ ଭରପୁର ଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ । ସହରର ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱ ଟାଉନ୍ ଠାରୁ ଆଖଣ୍ଡଳମଣି ଛକ ସର୍ଭିସ୍ ରୋଡ୍‌ରେ ଗତ କିଛିବର୍ଷ ଧରି ବର୍ଷାଜଳ ଆଣ୍ଠୁଏ ଉଚ୍ଚର ଲହଡି ଭାଂଗୁଛି । ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଛି । ଏହି ସଡକ ପଥରୁ ଜଳ ନିଷ୍କାସନ ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ଜିଲାପାଳଙ୍କ ନିର୍ଦ୍ଦେଶକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଡ୍ରେନେଜ୍ ବିଭାଗ କୌଣସି ପଦକ୍ଷେପ ନନେଇ ହାତ ବାନ୍ଧି ବସିଛି । ଫଳରେ ସହରର ସବୁ ୱାର୍ଡର ରାସ୍ତାରେ, ବାସଗୃହ ସାମ୍ନାରେ ବର୍ଷାଜଳ ଉବୁଟୁବୁ ହୋଇ ପରିବାରକୁ ଜଳବନ୍ଦୀ କରି ପକାଇଛି । ଖୋଦ୍ ଜିଲାପାଳଙ୍କ କାର୍ଯ୍ୟାଳୟର ଯାତାୟତ ପଥ ମଧ୍ୟ ସେଥିରୁ ବାଦ ପଡିନି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନେହେରୁ ଷ୍ଟାଡିୟମ୍‌ର ଉନ୍ନତିକରଣ ଓ ଜଳ ନିଷ୍କାସନ ପାଇଁ ଗତବର୍ଷ ପାଖାପାଖି ଦେଢକୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଏବେ ଏହା କୃତ୍ରିମ ହ୍ରଦରେ ପରିଣତ ହୋଇଛି । ପ୍ରଶାସନିକ ସୂଚନା ଅନୁଯାୟୀ ଆଜି ଭଦ୍ରକରେ ୭୭.୨ ମିମି, ତିହିଡିରେ ୬୮, ବନ୍ତରେ ୫୨, ଧାମନଗରେ ୩୮, ଭଣ୍ଡାରିପୋଖରୀରେ ୩୦, ବାସୁଦେବପୁରରେ ୨୧, ଚାନ୍ଦବାଲିରେ ୧୯ ମମି ବର୍ଷା ହୋଇଥିବାର ରେକର୍ଡ ହୋଇଛି ।

ପଟୁଣିଆ ରାସ୍ତା ମରାମତିରେ ବିଳମ୍ବ : ଅସୁବିଧାର ସମ୍ମୁଖୀନ ଜନସାଧାରଣ

ଧର୍ମଶାଳା, ୨୯/୦୬ (ନି ।ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ଦିନକୁ ଦିନ ଗୋଟିଏ ଗୋଟିଏ ଘଟଣା ଆସୁଥିବା ବେଳେ ବ୍ୟକ୍ତିଗତ କାମକୁ ଛାଡି ଦେଲେ ଏଠାରେ ଜନସାଧାରଣଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଅନେକ ସମୟରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଗାଁ ଗଣ୍ଡାରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ଗଲା କିଛି ଦିନ ପୂର୍ବେ ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତର ଗ୍ରାମ ରାସ୍ତା ଶୋଚନୀୟ ହୋଇପଡିଥିଲା । ଫଳରେ ଏଠାରେ ଥିବା ଏକ ଛୋଟ କଲଭର୍ଟ ଧସି ଯାଇଥିଲା । ଫଳରେ ପଂଚାୟତବାସୀ ଯାତାୟତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଥିଲା । ହେଲେ ଦୀର୍ଘ ଦିନ ମନ୍ଥର ଗତିରେ କାର୍ଯ୍ୟ ଚାଲୁଛି । ଯାହାକି ବହୁ ବିଳମ୍ବ ହେବରୁ ସ୍ଥାନୀୟ ଲୋକେ ହଇରାଣ ହରକତ ହେଉଛନ୍ତି । ଠିକାଦାର ଓ ସ୍ଥାନୀୟ ନେତାଙ୍କ ଯୋଗୁଁ ଏହି କାମ ଆଗେଇ ପାରୁ ନଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଲୋକେ ଡିଜିଟାଲ ମାଧ୍ୟମରେ ପ୍ରଶାସନକୁ ଅବଗତ କରାଯାଇଥିବା ଜଣାପଡିଛି । ତୁରନ୍ତ ଏହି ରାସ୍ତାର କାମ ଶେଷ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନାବାଳକର ମୃତ୍ୟୁ

ଧର୍ମଶାଳା, ୨୯/୦୬ (ନି ।ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ହୋଇଛି । ମୃତକ ଅଭୟପୁର ପଂଚାୟତ ଅଚ୍ୟୁତପୁର ଗ୍ରାମର ପ୍ରଭାସ କୁମାର ସାହୁ ଙ୍କ ପୁଅ ଓମପ୍ରକାଶ ସାହୁ (୧୭) ବୋଲି ଜଣାପଡିଛି । ଆଜି ସକାଳୁ ବିଦ୍ୟୁତ ତାର କାର୍ବନ ହେବା ଯୋଗୁଁ ଘରକୁ ବିଜୁଳି ଆସୁନଥିଲା । ଏଥି ଯୋଗୁଁ ଓମ ଘର ଛାତ ଉପରେ ଚଢି ଛାତରେ ପଡିଥିବା ଏକ ବାଉଁଶ ବାଡିରେ ତାରକୁ ବାଡେଇବା ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲା । ଫଳରେ ସେ ସେଠାରେ ଅଟକି ରହିଯାଇଥିଲା । ଓମର ଦାଦା କୌଣସି କାମରେ ଛାତ ଉପରକୁ ଯାଇଥିବା ବେଳେ ଏହା ଦେଖି ଏକ ସୁଖିଲା କାଠରେ ବାଡେଇ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରଥିଲେ । ପରେ ପରିବାର ଲୋକେ ତାକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରିଥିଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ । ହେଲେ କଟକରେ ପହଁଚିବା ପରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ଭଜନ ଓ ନୃତ୍ୟ ସନ୍ଧ୍ୟା

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ
ବାଲେଶ୍ୱର
of 2012-13

ବାଲେଶ୍ୱର, ୨୯/୦୬ (ନି ।ପ୍ର): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ର ଦ୍ୱିତୀୟ ଦିବସରେ ସଂଗଠନ ସଂପାଦକ ତପନ ରାୟଙ୍କ ସଂଯୋଜନାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱରର ପ୍ରବୀଣ କଣ୍ଠଶିଳ୍ପୀ ସୁରେଶ ଜେନା, ବସନ୍ତ କୁମାର ଦାସ ଓ କଲ୍ୟାଣୀ ନନ୍ଦ ଭାବପୂର୍ଣ୍ଣ ଭଜନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଲଗାଣ ବର୍ଷା ସତ୍ତ୍ୱେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କଣ୍ଠଶିଳ୍ପୀମାନଙ୍କର ପରିଚୟ ପ୍ରଦାନ କରିବା ସହିତ ପ୍ରତିକୂଳ ପାଗରେ ମଧ୍ୟ ସେମାନଙ୍କର ଉପସ୍ଥିତି ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ କଣ୍ଠଶିଳ୍ପୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ତୃତୀୟ ଦିବସରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ମାହେଶ୍ୱରୀ ଦାସ, ନିତିଶ୍ରୀ ମହାନ୍ତି, ଦେବାଂଶି ବୋଷ, ତେଜସ୍ୱୀ ସାହୁ, ଆଦ୍ୟାଶା ପାଣି, ପ୍ରତିକ୍ଷା ବେହେରା, ହର୍ଷିତା ସାହୁ, ରୀତୁଶ୍ରୀ ଘଡେଇ, ବୈଭବୀ ଦାସ ଓ ବୈଷ୍ଣବୀ ବେହେରା ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । 'ନୃତ୍ୟାୟନ'ର ନୃତ୍ୟଗୁରୁ ଶ୍ରୀ ପ୍ରଦୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସଂଗେସଂଗେ ସମସ୍ତ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୁଗ୍ମସଂପାଦକ ଜୁମରନାଥ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନ୍ୟତମ ଯୁଗ୍ମସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅନେକ ସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ ।

ଅନହରପୁରରେ ଡିଜେ ଓଲଟି ନାବାଳକ ମୃତ୍ୟୁ ଘଟଣା : ଦୁଃଖରେ ଭାଙ୍ଗି ପଡିଛନ୍ତି ବିଧବା ମା' ଓ ଭାଇକୁ ହରାଇ ଥିବା କୁନି ଝିଅ

ଭଦ୍ରକ, ୨୯/୦୬ (ନି ।ପ୍ର): ବାପାର ବର୍ଷିକିଆ ଯାଇନି । ମା'ର ଆଖିରୁ ଲୁହ ଶୁଖିନି । ସଂସାର ସଜାଡ଼ି ହୋଇନି । ହେଲେ ଭଗବାନଙ୍କ କଣ ଥିଲା ନିଷ୍ପତି, ଗୋଟିଏ ଝଟକା ରେ ସବୁ ସୁଖ ଛଡ଼େଇ ନେଲେ । ୧୪ ବର୍ଷର ଧନର ଦୋଷ କଣ ଥିଲା । ସମସ୍ତଙ୍କ ସହ ହସୁଥିଲା । ଖେଳୁଥିଲା । ରଥଯାତ୍ରାର ମଜା ନେଉଥିଲା । ଗାଁରୁ ରଥ ବାହାରି ଛକରେ ଥିବା ମାଉସୀ ବାଡ଼ି ଯାଉଥିଲା । ଗାଁ ଟୋକାଏ ରଥ ଆଗେ ଆଗେ ଡିଜେ ବଜାଇ ଚାଲୁଥିଲେ । ଠାକୁର ରଥରୁ ଓହ୍ଲାଇ ମାଉସୀ ମା ମନ୍ଦିର ରେ ପହଂଚୁ ପହଂଚୁ ଘଟିଗଲା ଅଘଟଣ । ଧାମନଗର ବ୍ଲକ ଭଗବାନପୁର ପଂଚାୟତ ଅନହରପୁର ଛକରେ ଡିଜେ ବକ୍ସ ଲଦା ହୋଇଥିବା ଟ୍ରାକ୍ଟର ଓଲଟି ଗାଁର ନା ବାଳକ ଧନର ଜୀବନ ଚାଲିଗଲା । ମନ୍ଦିର ପାଖରୁ ଅନହରପୁର ଯିବାବେଳେ କେନାଲ ବନ୍ଧ ଉପରେ ବୁଲାଇବାବେଳେ ଗାଡ଼ି ଲେଉଟି ପଡ଼ିବାରୁ କଡ଼ରେ ଯାଉଥିବା ଧନ ଉପରେ ଡିଡେ ବଡ଼ ବକ୍ସ ପଡ଼ିଯାଇଥିଲା । ତଳେ ପଥର ଓ ଉପରେ ୩ କ୍ୱିଂଟାଲ ରୁ ଅଧିକ ଓଜନ ବକ୍ସ ମଝିରେ ଚାପି ହୋଇଗଲା ଧନ । ସାଂଗରେ ଥିବା ଲୋକେ ବକ୍ସଗୁଡ଼ିକୁ ଉଠାଇବା ବେଳକୁ ଧନର ନିଶ୍ଚେତ ହୋଇ ଯାଇଥିଲା । ସାଂଗେ ସାଂଗେ ଧାମନଗର ମେଡିକାଲକୁ ନେଇଥିଲେ ବି ଡାକ୍ତର ତାକୁ ମୃତ୍ୟୁ ଘୋଷଣା କରିଥିଲେ । ବାପ କିଶୋର ରାଉତ ର ମୃତ୍ୟୁ ପରେ ୭ ବର୍ଷର ଭଉଣୀ ଆଉ ବିଧବା ମା ସହ ରହୁଥିଲା ଧନ । ସ୍ୱାମୀ ଯିବା ପରେ ମା ପାଇଁ ଧନ ହିଁ ଥିଲା ଆଶାର ବାଡ଼ି । ଘରେ କେହି ରୋଜଗାରିଆ ନ ଥିଲେ । ଜିଲ୍ଲାର କୌଣସି ମେଳା ମହୋତ୍ସବରେ ଡିଜେ ବାଜିବନି । ମାର୍ଚ୍ଚ ମାସରେ ଦୋଳ ମେଳଣ ପୂର୍ବରୁ ଏ ନିୟମାବଳୀ ଜାରି କରିଥିଲା ଭଦ୍ରକ ଜିଲ୍ଲା ପ୍ରଶାସନ । ହେଲେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଲା ନାହିଁ । ଦୋଳ ମେଳଣରେ ଡିଜେ ଆଉ ଭାଇବ୍ରେଟର ବାଜିଲା । ଏପ୍ରିଲ ମାସରେ ତିହିଡ଼ି ବ୍ଲକ ହାଟୁଆରିରେ ଡିଜେ ଗାଡ଼ି ୧୧ କେଭି ତାରରେ ଲାଗିଯିବାରୁ ୨ ଜଣଙ୍କ ଜୀବନ ଚାଲିଗଲା । ତଥାପି ଜିଲ୍ଲା ପ୍ରଶାସନ ଚେତିଲା ନାହିଁ । ଗୋଟେ ନିଷ୍ପାପ ଛୁଆର ଜୀବନ ଗଲା । ଧାମନଗର ପୋଲିସ ଶୁକ୍ରବାର ରାତି ରେ ଦୃଘଟଣା ଘଟାଇଥିବା ଡି ଜେ କିଛି ସାମଗ୍ରି କୁ ଜବତ କରିଥିବା ବେଳେ ଟ୍ରକ ସହ ଡି ଜେ ମାଲିକ ଓ କର୍ମଚାରି ମାନେ ଫେରାର ହୋଇ ଯାଇଛନ୍ତି । ପୋଲିସ ମୃତ ବାଳକ ବିଶ୍ୱ ରଞ୍ଜନ ରାଉତ (ଧନ) ର ଶବ କୁ ବ୍ୟବଚ୍ଛେଦ ପାଇଁ ଶନିବାର ଭଦ୍ରକ ପଠାଇଛନ୍ତି । ଧାମନଗର ଥାନା ରେ ଏକ ଅପମୃତ ମାମଲା ୧୭/୨୫ ରେ ରୁଜୁ କରିଛନ୍ତି । ତେବେ ରଥଟଣା ବେଳେ ଜିଲ୍ଲା ରେ ଡି ଯେ ବାରଣ ଥିବା ବେଳେ କେମିତି କେଉ ପରିସ୍ଥିତିରେ ଡି ଯେ ବାଜି ଥିଲା ଓ ଜଣେ ନିରୀହ ପିଲା ର ଜୀବନ ଗଲା ତାହା ତଦନ୍ତ ପରେ ଜଣା ପଡ଼ିବ ବୋଲି ତଦନ୍ତ ଅଧିକାରି ଏ ଏସ ଆଇ ସୁଜିତି କହିଛନ୍ତି ।

ଭଦ୍ରକରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଭଦ୍ରକ, ୨୯/୦୬ (ନି ।ପ୍ର): ଆଜି ଦିବା ୧୧ଘଟିକା ସମୟ ରେ ଭାରତର ଅର୍ଥନୀତିର ଅନ୍ୟତମ ମହାନାୟକ ପି.ସି. ମହାଲୋନୋବିଶଙ୍କ ତଥା ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପାଳ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସଦଭାବନା ସଭା ଗୃହରେ ପାଳିତ ହୋଇ ଯାଇଛି । ଏହି ସଭା ରେ ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଉପ ନିର୍ଦ୍ଦେଶକ ଡିପିଏମ୍ୟୁ ପ୍ରହ୍ଲାଦ ରଣା, ପରିସଂଖ୍ୟାନ ବିଭାଗର ପ୍ରଫେସର ବରାଳ ଓ ଜିଲ୍ଲା ପରିସଂଖ୍ୟାନ ଅଧିକାରୀ ସୌମ୍ୟ ରଂଜନ ନାୟକ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ପି ସି ମହାଲୋନୋବସଙ୍କ ଭାରତୀୟ ଅର୍ଥନୀତିରେ ଯୋଗଦାନ ତଥା ତାଙ୍କ ଜୀବନ ଉପରେ ଗଭୀର ଆଲୋକପାତ କରାଯାଇଥିଲା ।ଦେଶର ପ୍ରଗତିରେ ଅର୍ଥନୀତିର ମହତ୍ୱପୂର୍ଣ୍ଣ ଯୋଗଦାନ ତଥା ପରିସଖ୍ୟାନ ଅପରିହାର୍ଯ୍ୟତାର ବିଶେଷତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ । ବିଭିନ୍ନ ବିଭାଗ ର ଅଧିକାରି ମାନେ ଏହି ସଭା ରେ ଉପସ୍ଥିତ ଥିଲେ ।

ମା' ଭଗବତୀଙ୍କ ମନ୍ଦିରରେ ସେବାୟତ-ସେବାୟତ ମଧ୍ୟରେ ମାରପିଟ : ଜଣେ ସେବାୟତ ଗୁରୁତର

ଖୋର୍ଦ୍ଧା, ୨୯/୦୬ (ନି ।ପ୍ର): ଶନିବାର ବାଣପୁରସ୍ଥିତ ମା' ଭଗବତୀ ମନ୍ଦିରରେ ସେବାୟତ-ସେବାୟତ ମଧ୍ୟରେ ମାରପିଟ ହେବା ଯୋଗୁଁ ଜଣେ ସେବାୟତ ଗୁରୁତର ହୋଇଛନ୍ତି । ଏ ନେଇ ବାଣପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଜଣେ ସେବାୟତ ଅଟକ ଥିବା ଜଣାପଡିଛି । ପୋଲିସ ସୂଚନା ମୁତାବକ ଆଜି ଅପରାହ୍ନରେ ମା' ଭଗବତୀ ମନ୍ଦିର ପରିସରରେ ସେବାୟତ କୈଳାଶ ଭୋପା ଅନ୍ୟ ଜଣେ ସେବାୟତଙ୍କୁ କୌଣସି କାରଣବଶତଃ ଗାଳି ଗୁଲଜ କରୁଥିଲେ । ଉକ୍ତ ସମୟରେ ସେବାୟତ ପବିତ୍ର କୁମାର ନାୟକ ଉକ୍ତ ଘଟଣାରେ ହସ୍ତକ୍ଷେପ କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ କୈଳାଶ ପବିତ୍ରଙ୍କ ମୁଣ୍ଡକୁ ଏକ କ୍ରିକେଟ ବ୍ୟାଟରେ ଶକ୍ତ ପ୍ରହାର ଦେବାରୁ ଘଟଣାସ୍ଥଳରେ ପବିତ୍ର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟଳି ପଡ଼ିଥିଲେ । ସଙ୍ଗେସଙ୍ଗେ ଗୁରୁତର ପବିତ୍ରଙ୍କୁ ବାଣପୁର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି । ଏ ନେଇ ଥାନାରେ ଉଭୟ ପକ୍ଷଙ୍କ ପକ୍ଷରୁ ଦୁଇ ଗୋଟି ଏତଲା ଦିଆଯାଇଥିବା ବେଳେ ପୋଲିସ ଅଭିଯୁକ୍ତ ସେବାୟତ କୈଳାଶ ଭୋପାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶ ଥାଉକି ମା' ଭଗବତୀ ମନ୍ଦିରରେ ସେବାୟତଙ୍କ ବିରୁଦ୍ଧରେ ନାନା ସମୟରେ ଏପରି ବିଭିନ୍ନ ଅଭିଯୋଗ ହୋଇଆସୁଛି । ମଦ୍ୟପାନ କରିବା, ଭକ୍ତଙ୍କୁ ଦୁର୍ବ୍ୟବହାର କରିବା, ମାରପିଟ କରିବା, ମନ୍ଦିର ପରିସରରେ ଅଶାନ୍ତି ବାତାବରଣ ସୃଷ୍ଟି କରିବା ଆଦି ଅନେକ ଦୃଷ୍ଟାନ୍ତ ରହିଛି । ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ଶ୍ରୀ ଦକ୍ଷେଶ୍ୱର-ଭଗବତୀ ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଭାପତି ତଥା ସ୍ଥାନୀୟ ତହସିଲଦାର କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି । ଖୋର୍ଦ୍ଧା ଜିଲ୍ଲାପାଳ ଉକ୍ତ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ସହ ସେବାୟତଙ୍କ ମଧ୍ୟରେ ସଂସ୍କାର ଆଣିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଅନୁରୂପଭାବେ ଏହିପରି ଘଟଣା ଦ୍ୱାରା ସମଗ୍ର ରାଜ୍ୟରେ ମା' ଭଗବତୀ ମନ୍ଦିରର ଛବି ଖରାପ ହେଉଥିବାବେଳେ ମନ୍ଦିର ପରିସରରେ ଅକ୍ଷମ ହୋଇ ପଡ଼ିଥିବା ପୋଲିସ ସହାୟତା କେନ୍ଦ୍ରକୁ ତୁରନ୍ତ ସକ୍ଷମ କରିବା ସହ ଏଠାରେ କନଷ୍ଟେବଲଙ୍କ ସହ ଅତିକମରେ ଜଣେ ଏଏସଆଇ ପାହ୍ୟା ଅଧିକାରୀଙ୍କୁ ନିଯୁକ୍ତି ଦେବାପାଇଁ ଖୋର୍ଦ୍ଧା ଏସପିଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି । ମନ୍ଦିର ପରିସରରେ ରକ୍ତଛିଟା ପଡ଼ିଥିବା ବେଳେ ମା'ଙ୍କ ରୀତିନୀତିରେ କଣ ପରିବର୍ତ୍ତନ ହେବ ବୋଲି ଦେବୋତର ସଭାପତି ତଥା ସ୍ଥାନୀୟ ତହସିଲଦାର କୁହନ୍ତି ଠାକୁରଙ୍କ ଯାହା ନିୟମ ରହିଛି, ସେହି ନିୟମ ମୁତାବକ ନୀତିକାନ୍ତି କରାଯିବ ବୋଲି ତହସିଲଦାର ଟି. ପଦ୍ମନାଭ ଦୋରା କହିଛନ୍ତି ।

ବରଗଡ଼ ଗରିବ କଲ୍ୟାଣ ଓ ବିକାଶ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୯/୦୬ (ନି ।ପ୍ର): ଓଡ଼ିଶାରେ ଥିବା ଗରିବ ଶ୍ରେଣୀରୁ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ଜୀବନରେ ଅଭୁତପୂର୍ବ ପରିବର୍ତନ ଆଣିବା ଆମର ଡବଲ ଇଞ୍ଜିନ ସରକାରର ମୂଳ ଉଦ୍ଦେଶ୍ୟ ବୋଲି ଆଜି କୃଷିପ୍ରଧାନ ଅଂଚଳ ବରଗଡରେ ଆୟୋଜିତ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ପାଖାପାଖି ୨୨ କୋଟିରୁ ଅଧିକ ମୂଲ୍ୟର ୧୬ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ୧୧ ବର୍ଷ ପୂରଣ ହୋଇଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରକୁ ୧ ବର୍ଷ ପୂରଣ ହୋଇଛି । ଏହା ଏକ ବଡ ଉପଲବ୍ଧି । ଓଡ଼ିଶାରେ ଗରିବ ଲୋକଙ୍କ ସାମୂହିକ ଓ ସାମଗ୍ରିକ ବିକାଶ କରିବା ଦିଗରେ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା ରହିଛି ।

ବିଗତ ଏକ ବର୍ଷରେ ଧାନ କିଣା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହୋଇଛି । କେନ୍ଦ୍ରେ ସରକାରଙ୍କ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ଏହି ସବୁ ଯୋଜନା ଦ୍ୱାରା ବରଗଡ଼ ଭଳି ଜିଲ୍ଲା ବିଶେଷ ଭାବରେ ଲାଭାନ୍ୱିତ ହୋଇଛି । ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଆଗାମୀ ଦିନରେ ବରଗଡ଼କୁ ଅଗ୍ରଣୀ ଅଂଚଳ କରାଇବାରେ ବିଶେଷ ସହାୟକ ହେବ । ଏହାର ବିସ୍ତୃତ ସୂଚନା ଉପରେ ଆଲୋକପାତ କରି ସେ କହିଛନ୍ତି ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ରବି ଏବଂ ଖରିଫ ଋତୁକୁ ମିଶାଇଲେ ପ୍ରାୟ ୧୩୭ ଲକ୍ଷ କ୍ୱିଂଟାଲ ଧାନ ସରକାରଙ୍କ ପକ୍ଷରୁ କିଣାଯାଇଛି । ଡବଲ ଇଞ୍ଜିନ ସରକାର ଏଥିପାଇଁ ପାଖାପାଖି ୪୦୦୦ କୋଟିରୁ ଅଧିକ ଟଙ୍କା ଜିଲ୍ଲାର ଚାଷୀମାନଙ୍କୁ ଦେଇଛନ୍ତି । ଜିଲ୍ଲାରେ ୩ ଲକ୍ଷ ୫୬ ହଜାର ଭଉଣୀମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଅର୍ଥାତ୍ ୩୫ କୋଟି ଟଙ୍କାର ସୁଭଦ୍ରା ସହାୟତା ଦିଆଯାଇଛି । ପିଏମ କିଷାନ ଓ ସିଏମ କିଷାନ ଯୋଜନାରେ ପ୍ରାୟ ୩୪ କୋଟି ଟଙ୍କା ଦିଆଯାଇଛି । ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଅନ୍ତୋଦୋୟ ଯୋଜନାରେ ୧୬୦୦ ଘର ଜିଲ୍ଲା ପାଇଁ ଦିଆଯାଇଛି । ୬୦ ହଜାରରୁ ଅଧିକ ଲକ୍ଷପତି ଦିଦି, ୧୨ ଲକ୍ଷ ଆୟୁଷ୍ମାନ ଭାରତ କାର୍ଡ ଜିଲ୍ଲାକୁ ଦିଆଯାଇଛି । ଶହୀଦ ମାଧୋ ସିଂହଙ୍କ ନାଁରେ ୪,୬୧୯ ଜଣ ପିଲାଙ୍କୁ ଛାତ୍ରବୃତି ଆକାରରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି । ଆଗାମୀ ଦିନରେ ବରଗଡ଼ରେ ଉତ୍ପାଦନ ହେଉଥିବା ଚାଉଳ ସାମଗ୍ରୀର ବଜାର ବ୍ୟବସ୍ଥାକୁ ବଢାଇବା । ପୂର୍ବୋଦୟ କଳ୍ପନାରେ ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ପ୍ଲାଂଟ ଦେଶର ଇଥାନଲ ଆବଶ୍ୟକତାକୁ ପୂରଣ କରିବ । ଏହା ମାଧ୍ୟମରେ କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବା ସହ ହସ୍ତତନ୍ତ ଓ ପର୍ଯ୍ୟଟନ ଭିତିକ ଅର୍ଥନୀତି ବଢାଇବା ପାଇଁ ସମସ୍ତେ ସହଯୋଗର ଦାୟିତ୍ୱ ନେବା । ବୀର ସୁରେନ୍ଦ୍ର ସାଏଙ୍କ କର୍ମସ୍ଥାନ ଦେବ୍ରୀଗଡକୁ ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଅବସରରେ ବରଗଡ଼ ଜିଲ୍ଲାର ସଫଳ କୃଷକ, ସଫଳ ସୁଭଦ୍ରା, ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରିବା ସହ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ସାଂସଦ ଓ ବରଗଡ଼ ଜିଲ୍ଲାର ବିଧାୟକମାନେ ପ୍ରମୁଖ ଉପସ୍ଥିତ ଥିଲେ ।

ମୌସୁମୀ ବର୍ଷା ଆରମ୍ଭରୁ ବେହାଲ ବାରିପଦା ସହର

■ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେବି ପୁନରୁଦ୍ଧାର ହେଲାନି ମହାନାଳ
■ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ପଶିଲା ପାଣି
■ରାତିରେ ସ୍ଥିତି ଅନୁଧ୍ୟାନ କଲେ ନଗରପାଳ ଓ ଉପଜିଲ୍ଲାପାଳ

ବାରିପଦା, ୨୯/୬ (ନି.ପ୍ର): ମୌସୁମୀ ବର୍ଷା ଆରମ୍ଭରୁ ବାରିପଦା ସହରର ଅବସ୍ଥା ବେହାଲ ହୋଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା। କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ଅଞ୍ଚଳ ବାରିପଦା ପୌରାଞ୍ଚଳରେ ପ୍ରତିଶ୍ରୁତି ପରେବି ବର୍ଷା ପୂର୍ବରୁ ୩ଟି ମହାନାଳର ପୁନରୁଦ୍ଧାର ହୋଇନାହିଁ। ଯାହା ଦ୍ୱାରା ଶନିବାର ଲଗାଣ ବର୍ଷାରେ ସହର ବିଭିନ୍ନ ୱାର୍ଡରେ ଘରେ ବର୍ଷା ପାଣି ପ୍ରବେଶ କରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଏପରିକି ଛିଡା ହୋଇଥିବା କାର ମଧ ଭାସି ଯାଇଛି। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରୁ ବାରିପଦାରେ ଲଗାଣ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବିଳମ୍ବିତ ରାତିରେ ସହରର ବିଭିନ୍ନ ତଳି ଅଞ୍ଚଳରେ ଘରେ ଘରେ ଆଣ୍ଠୁଏରୁ ଉପରେ ପାଣି ପଶିଥିଲା। ସୁନଗଡିଆ, ବାଘରାରୋଡ, ବଳରାମପୁର, ଲାଲବଜାର, ମାଇନିଙ୍ଗ କଲୋନୀ, କବରଖାନା, କାଳିକାପୁର, ଦେଉଳସାହି, ପିଆରଏମ ହସ୍ପିଟାଲ ନିକଟ, ଭଞ୍ଜେଶ୍ୱର ଶିବ ମନ୍ଦିର ନିକଟ ଆଦି ତଳି ଅଞ୍ଚଳରେ ପାଣି ମାଡ଼ିଥିଲା। ସହର ମଧ୍ୟରେ ଥିବା ଜରାଳି, ସରାଳି ଓ ଶୁଖଯୋଡ଼ା ଆଦି ମହାନାଳକୁ ପୁନରୁଦ୍ଧାର ଅଭାବରୁ ଗଛ ଲତା ଓ ମାଟିରେ ପୋତି ହୋଇଯିବା ସହ ବିଭିନ୍ନ ସ୍ଥାନରେ ଜବରଦଖଲକାରୀଙ୍କ କବଜାରେ ନଦୀ ଶଯ୍ୟା ରହିଥିବାରୁ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ନିଜର ବାସ୍ତବ କାର୍ଯ୍ୟ ଠାରୁ ଦୁରେଇ ଯିବାରୁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି ଶିମିଳିପାଳ ରେ ପ୍ରବଳ ବର୍ଷା ହୋଇ ଥିବାରୁ ସହରର ମୁଖ୍ୟ ଦୁଇ ନଦୀ ବୁଢା ବଳଙ୍ଗ ଏବଂ ଚିପଟ ରେ ପାଣି ଆସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୩ ଅକ୍ଟୋବର ଫାଇଲିନ ବାତ୍ୟା ଜନିତ ଭାରି ବର୍ଷା ଓ ବନ୍ୟାରେ ବାରିପଦା ସହର ଜଳମୟ ହୋଇ ଉବୁଟୁବୁ ହୋଇଥିଲା। ମାଷ୍ଟର ପ୍ଲାନ ଅନୁଯାୟୀ ନିର୍ମିତ ମହାନାଳ ଓ ଜରାଳୀ, ସରାଳୀ ନଦୀ ସଫେଇ କାର୍ଯ୍ୟ ହେବାର ପ୍ରାୟ ୧୦ ବର୍ଷ ମଧ୍ୟରେ ପୋତି ହୋଇଗଲାଣି। କ୍ରମାଗତ ଭାବେ ବିଭାଗ ପକ୍ଷରୁ ଅନବନା ଗଛଲତା କଟା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନହେବା ଏବଂ ଜବରଦଖଲ ଉଚ୍ଛେଦ ନହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଉକ୍ତ ମହାନାଳ ଉପରେ ବର୍ତ୍ତମାନ ସମୟରେ କିଛି ଜମି ମାଫିଆ ଓ ସ୍ୱାର୍ଥ ବାଦୀ ଲୋକଙ୍କ ଲଲୁପ ଦୃଷ୍ଟି ମଧ ପଡିଛି। ଧୀରେ ଧୀରେ ଜଳ ସ୍ରୋତକୁ ସଙ୍କୁଚିତ କରି ଜବରଦଖଲ କାରି ନଦୀ ନାଳ ଜମିକୁ ନିଜ ଆୟତ୍ତକୁ ନେଇ ସାରିଲେଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ମହାନାଳର ପାଣି ପ୍ରବାହିତ ହେବାରେ ଅସୁବିଧା ହେବା ସହ ନଦୀ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଣୁ ସରକାର ତଥା ପ୍ରଶାସନ ଏଦିଗରେ ଧ୍ୟାନ ନଦେଲେ ଆଗକୁ ଅବସ୍ଥା ସାଙ୍ଘାତିକ ହେବ ବୋଲି ଜଣାଯାଇଛି। ଜିଲ୍ଲାର ମୋରଡା ବ୍ଲକ ସାନ ମୁଣ୍ଡବଣି ଗ୍ରାମରେ ପ୍ରବଳ ବର୍ଷା କାରଣରୁ କାନ୍ଥ ପଡି ଇନ୍ଦିରା ମାରାଣ୍ଡି ନାମକ ମହିଳାଙ୍କର ମୃତ୍ୟୁ ଘଟିଥିବାର ଖବର ମିଳିଛି।

ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୨୯/୬ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଲକ୍ଷ୍ମଣ ନାୟକ (୪୬) ସୂଚନା ଅନୁଯାଇ ନିଳାଗୁଡାରୁ ଏକ ବାଇକ ରେ ଜୟପୁର ସହରକୁ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଅବକାରି ଥାନା ଜୟନଗରରେ ଚଢାଉ କରିଥିଲା । ଚଢାଉ କରି ୧୭ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ କୁ ଆଜି ଅପରାହ୍ନ ୧ ଘଂଟା ସମୟରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

RETIRED RAILWAY EMPLOYEES ASSOCIATION, BALASORE
(Affiliated to All India Retired Railwaymens' Federation)
ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ, ବାଲେଶ୍ୱର
OBSERVANCE OF 2ND ANNUAL DAY
ଦ୍ୱିତୀୟ ବାର୍ଷିକ ଉତ୍ସବ
Venue : Balasore Station Club, Balasore
Date : 29.06.2025 (Sunday) Time : 10.00 A.M

ବାଲେଶ୍ୱର, ୨୯/୬ (ନି.ପ୍ର): ବାଲେଶ୍ୱର ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଅଦ୍ୟ ପୂର୍ବାହ୍ନ ବାଲେଶ୍ୱର ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂଘର ସଭାପତି ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସଂଘର ସର୍ବଭାରତୀୟ ଅବସରପ୍ରାପ୍ତ ରେଳ କର୍ମଚାରୀ ଫେଡେରେସନ୍‌ର ସଭାପତି ଡକ୍ଟର ସଂଗ୍ରାମ ଶୀଧର ମୁଖ୍ୟଅତିଥି ଭାବେ ସମ୍ମିଳନୀ ଉଦ୍‌ଘାଟନ କରି ଅବସରପ୍ରାପ୍ତ ରେଳକର୍ମଚାରୀଙ୍କର ବିଭିନ୍ନ ସମସ୍ୟା ତଥା ତା'ର ଦୂରୀକରଣ ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବକ୍ତବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର କୃଷ୍ଣଚନ୍ଦ୍ର ବଳ, ଅବସରପ୍ରାପ୍ତ ରେଳ ପଦାଧିକାରୀ, ଉଚ୍ଚକୋଟୀର ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ମୁଗ୍ଧ କରାଇଥିଲେ। ପୂର୍ବ ରେଳପଥ ସଂଘର ସଭାପତି ଶୁକଦେବ ପ୍ରସାଦ, ସମ୍ପାଦକ ଅନିଲ କୁମାର ମଣ୍ଡଳ ତଥା କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଚକ୍ରବର୍ତ୍ତୀ, ସଂଘର ସମ୍ପାଦକ ରାମଚନ୍ଦ୍ର ଦାସ, ଚତୁର୍ଭୁଜ ଜେନା ତଥା ରାଞ୍ଚି, ହାଟିଆ, ଚକ୍ରଧରପୁର, ଖଡ଼ଗପୁର, ଆଦ୍ରା, ବୋକାରୋ, ବନ୍ଧମୁଣ୍ଡା ଶାଖା ସଂଘର ସଦସ୍ୟମାନେ ବକ୍ତବ୍ୟପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଲିମ୍ ରାଜା ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଉକ୍ତ ସମ୍ମିଳନୀରେ ଡକ୍ଟର ସୁଭାଷ ଚନ୍ଦ୍ର ପାତ୍ର, ମମତା ମହାପାତ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସର୍ବଶ୍ରୀ ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ସୁକୁମାର ବେହେରା, ଦେବୀପ୍ରସାଦ ନାୟକ, ଗଗନ ଚନ୍ଦ୍ର ଦଳାଇ, ନୀଳକଣ୍ଠ ଦାସ, ଦେବାଶୀଷ ଦାସ, ରବୀନ୍ଦ୍ରନାଥ ତ୍ରିପାଠୀ, ଗିରିଧାରୀ ବିନ୍ଧାଣୀ, ପ୍ରଫୁଲ୍ଲ ସେଠୀ, ବଙ୍କିମ ଚନ୍ଦ୍ର ପତି, ଅଶୋକ ମହାତୋ, ଅନିଲ କୁମାର ଦାସ, ସୁରେନ୍ଦ୍ର ସାମଲ, କୈଳାସ ଚନ୍ଦ୍ର ଖିଲାର, ପଦ୍ମନାଭ ସାମଲ, ଉମାକାନ୍ତ ଦାସ, ହରେକୃଷ୍ଣ ବେହେରା, ବିଜୟ କୁମାର ସେନାପତି, ଅଜୟ କୁମାର ରାଉଳ, ପ୍ରମୋଦ ଚନ୍ଦ୍ର ଚୌଧୁରୀ, ଭାଗବତ ଦାସ, ରତ୍ନାକର ବେହେରା, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ରନାଥ ରଣା, ତଥା ଅନ୍ୟ ସଦସ୍ୟମାନେ କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ। କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସାରସକ୍ଷେତ୍ରରେ ଦୁଇଦିନିଆ ରଥଟଣା

ବାରିପଦା, ୨୯/୬ (ନି.ପ୍ର): ବର୍ଷାର ଘନଘଟା ଏବଂ ବିପରୀତ ପାଗ ସତ୍ତ୍ୱେ ବିପୁଳ ଭକ୍ତ ସମାଗମ ମଧ୍ୟରେ ଜୁନ୍ ୨୭ ଓ ୨୮ ତାରିଖ ୨୦୨୫ ପବିତ୍ର ଶ୍ରୀଗୁଣ୍ଡିଚାର ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ରର ପାରମ୍ପାରିକ ଦୁଇଦିନିଆ ରଥଟଣା ସୁରୁଖୁରୁରେ ସମାପନ ହୋଇଯାଇଛି। ଯାତ୍ରାର ପ୍ରଥମ ଦିବସ ଅପରାହ୍ନରେ ସ୍ଥାନୀୟ ଜୟଦୁର୍ଗା ଯୁବକସଂଘ, ଛାତ୍ରସଂଘ, ନିକଟସ୍ଥ ଅଞ୍ଚଳର ସଂଖ୍ୟାଧିକ ଶ୍ରଦ୍ଧାଳୁ, ସଞ୍ଜୟ କୁମାର ଭୋଳଙ୍କ ସଂଯୋଜନାରେ ସଂକୀର୍ତ୍ତନ ଦଳର ନାମଗାୟନ ଓ ହରିବୋଲ ଧ୍ୱନି ତଥା ମା'ମାଉସୀମାନଙ୍କ ଶଙ୍ଖ ହୁଳହୁଳି ମଧ୍ୟଦେଇ ଶ୍ରୀଜୀଉମାନେ ସେବାୟତ ଅବିନାଶ କର, ଅମର ବିକାଶ ଷଡ଼ଙ୍ଗୀ, ଅତନୁ କର, ଅଜିତ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ଉପାଧ୍ୟାୟ, ନାରାୟଣ ମହାକୁଡ଼ ଓ ରଥନିର୍ମାଣ ନିମିତ୍ତ ବୃକ୍ଷ ଉତ୍ସର୍ଗକାରୀ ଗାଁ ମୁଖ୍ୟ ସେବକ ଭବାନୀ ନିଏକ ପ୍ରମୁଖଙ୍କ ଗହଣରେ ପହଣ୍ଡି ବିଜେକରି ରଥାରୂଢ଼ ହୋଇଥିଲେ। ପରେପରେ ପୁରୋହିତ ସର୍ବଶ୍ରୀ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ପଣ୍ଡିତ ଦିବ୍ୟସୁନ୍ଦର କରଙ୍କ ସ୍ତୋତ୍ରପାଠ, ପୂଜାର୍ଚ୍ଚନା ମଧ୍ୟରେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ମୁରାରି ଲାଲ ଶର୍ମାଙ୍କ ଦ୍ୱାରା ରଥର ପବିତ୍ର ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୀଠ ଆନୁକୁଲ୍ୟରେ ଦୀର୍ଘ ୨୪ବର୍ଷ ହେଲା ପ୍ରକାଶ ପାଇ ଆସୁଥିବା ହରିଗାଥା ସମ୍ବଳିତ ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା 'ହେ ଭଗତେ..୨୦୨୫' ସଂଖ୍ୟା ଚଳିତବର୍ଷ ମଧ୍ୟ ରଥୋପରେ ମହାପ୍ରଭୁଙ୍କ ପଦ୍ମପାଦରେ ନିବେଦନ ପୂର୍ବକ ରଥର ଛେରାପହଁରା ସେବା କରିଥିବା ଶ୍ରୀଶର୍ମାଙ୍କ ହସ୍ତରେ ଲୋକାର୍ପଣ କରାଯାଇଥିଲା। ସେଦିନର ରଥଟଣା କ୍ଷେତ୍ର ବଡ଼ଦାଣ୍ଡରେ ଅଧାବାଟରେ ଅଟକି ଦ୍ୱିତୀୟ ଦିବସ ପାଇଁ ରହିଥିଲା। ପରଦିନ ଅଞ୍ଚଳବାସିନୀ ତଥା ଦୂରଦୂରାନ୍ତରରୁ ଆସିଥିବା କେବଳ ମହିଳା ଭକ୍ତ, ମୁନୀ ନାଏକଙ୍କ ଅଗ୍ରଣୀତ୍ୱରେ ଇଲାକାର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ରଥଟାଣି ମାଉସୀମା' ମନ୍ଦିର ସମ୍ମୁଖରେ ଆଣି ପହଞ୍ଚାଇ ଥିଲେ। ଦିଅଁଗଣ ଭକ୍ତ ଓ ସେବାୟତ ଗହଣରେ ରଥରୁ ଓହ୍ଲାଇ ମାଉସୀ ମା' ମନ୍ଦିରକୁ ବିଜେ କରିଥିଲେ । ରଥରେ ଧାରାବିବରଣୀ ପ୍ରଦାନ କରିଥିଲେ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା। କର୍ମକର୍ତ୍ତା ପ୍ରତିନିଧି ଭାବେ ରଥଟଣାର ନିୟନ୍ତ୍ରଣ ତଦାରଖ କରିଥିଲେ ହିମାଂଶୁ ଶେଖର ଶେଖର ସାହୁ ଓ ତପନ କୁମାର ସାହୁ(ତପ) ପ୍ରମୁଖ। ରଥର ଗତି ଓ ମରାମତି କାର୍ଯ୍ୟରେ ନିଯୁକ୍ତ ଥିଲେ ମହାରଣା ସର୍ବଶ୍ରୀ ଗୋଲକ ଦଣ୍ଡପାଟ, ସୁରୁ ସିଂ, ମୋହନ ବେହେରା ଓ ବସନ୍ତ କୁମାର ବେହେରା। ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ମାନସ କୁମାର ପତି ଏବଂ ଅଧ୍ୟାପିକା ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୀମାନ୍ତ ମହାବିଦ୍ୟାଳୟ, ଶରତ ପାଳ କଲେଜର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶୀକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ, ସାରସକଣା ବ୍ଲକ୍ ମଟର ଚାଳକ ମହାସଂଘର ସଦସ୍ୟ/କର୍ମକର୍ତ୍ତା ତଥା ସ୍ଥାନୀୟ ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀଗଣ, ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ତଥା ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରବୃନ୍ଦ ଏବଂ ସର୍ବୋପରି ଝାରପୋଖରିଆ ପୋଲିସ ବାହିନୀ ରଥଟଣାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଚଳିତବର୍ଷ ଅନ୍ୟତମ ଆକର୍ଷଣ ଥିଲା ବହୁଭକ୍ତଙ୍କ କପାଳରେ ଶୋଭା ପାଉଥିବା 'ଜୟ ଜଗନ୍ନାଥ' ଲିଖିତ ମଥାପଟି ଓ ପିଠିପଟେ ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର, ସମ୍ମୁଖ ଭାଗରେ ଶ୍ରୀଜଗନ୍ନାଥଙ୍କ ଲଗୋ ମୁଦ୍ରିତ, ବେନିୟନ୍ ପରିଧାନ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଥିଲେ ସମ୍ପାଦକ ଜଗନ୍ନାଥ ସାହୁ।

ସମିତି ଉପ-ସଭାପତିଙ୍କ କାର୍ଯ୍ୟଭାର ଗ୍ରହଣ

ଭଦ୍ରକ, ୨୯/୬ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ରାମକୃଷ୍ଣପୁର ସେବା ସମବାୟ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଭକ୍ତିପଦ ସାମଲଙ୍କ ଚଳିତମାସ ୧୩ ତାରିଖରେ ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲି ପଡିଥିବା ବେଳେ ସମିତି ଯାବତୀୟ କାର୍ଯ୍ୟ କରିବା ନେଇ ବାଧା ଉପୁଜିଥିଲା । ଆଜି ଉପ-ସଭାପତି ସ୍ୱପ୍ନାପ୍ରିୟା ମହାନ୍ତି ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରାରମ୍ଭରେ ଶ୍ରୀ ସାମଲଙ୍କ ବିୟୋଗରେ ଶୋକ ବ୍ୟକ୍ତ କରାଯାଇଥିଲା । ପରେ ବିଶିଷ୍ଟ ସାହିତ୍ୟିକ ତଥା ସମବାୟବିତ୍ ସତ୍ୟପ୍ରକାଶ ସେଠୀ ଦିବଙ୍ଗତ ସାମଲଙ୍କ ସୁଗୁଣାବଳୀ ଉପରେ ମତ ରଖିଥିଲେ ଏବଂ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀମତି ମହାନ୍ତି ଆଗାମୀ ଦିନରେ ସମିତିକୁ ଆଗେଇ ନେବା ନେଇ ପରାମର୍ଶ ଦେଇଥିଲେ ।

ମାଉସୀମା' ମନ୍ଦିର ସମ୍ମୁଖରେ ପହଞ୍ଚିଲା ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ: ନୀତି ସମ୍ପନ୍ନପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ବିଜେ



ନୀଳଗିରି , ୨୯/୬ (ନି.ପ୍ର): ବିଶ୍ୱନିୟନ୍ତା, ବିଶ୍ୱବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ଜଗତପତି ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଠାରେ ଶ୍ରୀଗୁଣ୍ଡିଚା ଅବସରରେ ପରମ୍ପରା ଅନୁଯାୟୀ ତିନିଦିନ ଧରି ଚାଲିଥିବା ରଥଯାତ୍ରାର ଅନ୍ତିମ ଦିବସରେ ଶାନ୍ତିଶୃଙ୍ଖଳାର ସହ ରଥଟଣା ଶେଷହୋଇଛି। ରଥଟଣାର ପ୍ରଥମ ଦିବସରେ ଅଧାବାଟ ଅର୍ଥାତ୍ ପୋଷ୍ଟଅଫିସରେ ସମ୍ମୁଖରେ ରଥ ଅଟକିଥିଲା। ଦ୍ୱିତୀୟ ଦିବସ ଅପରାହ୍ନ ଚାରିଟା ସମୟରେ ରଥଉପରେ ନୀତିକାନ୍ତି ସମାପନ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା।ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡରେ ରଥ ଗଡିଚାଲିଥିବା ବେଳେ ରଥଉପରେ ନିର୍ଦ୍ଦେଶନାରେ ଭାର ସମ୍ଭାଳିଥିଲେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା। ଓ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ। ଧାରା ବିବରଣୀ ପ୍ରଦାନ କରିଥିଲେ ଡଃ ପ୍ରଦୀପ୍ତ ମିଶ୍ର ଏବଂ ପଣ୍ଡିତ ଶକ୍ତିପଦମିଶ୍ର। ରଥଟଣା ସମୟରେ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା।ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପାଗ ସାମାନ୍ୟ ମେଘୁଆ ଥିବାରୁ ଲୋକମାନେ ଆସ୍ୱସ୍ତିରେ ରଥ ଟାଣୁଥିବାର ଦେଖାଯାଇଛି। ରଥରେ ନୀତି ସମ୍ପର୍ନ୍ନପରେ ଆଡ଼ପମଣ୍ଡପ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତୀ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଶରଧାବାଲିରେ ଅଘଟଣ...

ଦର୍ଶନ ପାଇଁ ଅତ୍ୟଧିକ ଭିଡ଼ ଥିବାବେଳେ ଠେଲାପେଲାରେ ୨ ମହିଳା ଭକ୍ତ ଓ ଜଣେ ପୁରୁଷ ଭକ୍ତଙ୍କ ମୃତ୍ୟୁ ଘଟିଛି। ୩ ମୃତକ ହେଲେ ପ୍ରଭାତୀ ଦାସ, ବାସନ୍ତୀ ସାହୁ ଏବଂ ପ୍ରେମକାନ୍ତ ମହାନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଭିଡ଼ ଭିତରେ ଚାରମାଳ ବୋଝେଇ ୨ଟି ଟ୍ରକ ପଶିବାରୁ ଆରମ୍ଭ ହୋଇଥିଲା ଠେଲାପେଲା। ଏହାପରେ ଅଘଟଣ ଘଟିଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ, ରାତି ସାଢେ ୧୨ଟାରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିଲା। ଭୋର୍ ୩ଟା ୪୫ରେ ପହୁଡ଼ ଖୋଲିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶରଧାବାଲିରେ ପ୍ରବଳ ଭିଡ଼ ଥିଲା। ତେବେ ଭିଡ଼ ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ କେହି ପୋଲିସ ଉପସ୍ଥିତ ନଥିଲେ ବୋଲି ଅଭିଯୋଗ କରିଛନ୍ତି ପ୍ରତ୍ୟକ୍ଷଦର୍ଶୀ । ପୁରୀର ଶରଧାବାଲିରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ବେଳେ ଆଜି ଭୋରରୁ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ଘଟଣାରେ ବ୍ୟକ୍ତିଗତ ଭାବେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା କରିଛନ୍ତି। ପରଲୋକଗତ ଭକ୍ତମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ପୁରୀ ଶରଧାବାଲି ଭକ୍ତଙ୍କ ମୃତ୍ୟୁ ଘଟଣା । ଏହି ଘଟଣା ପରେ ଗତକାଲି ରାତିରେ ଦଳାଚକଟା ଘଟି ତିନି ଜଣ ଭକ୍ତଙ୍କ ପ୍ରାଣତ୍ୟାଗ କରିଥିବା ଏବଂ ଅନେକ ଭକ୍ତବୃନ୍ଦ ଆହତ ହୋଇଥିବା ଖବର ପାଇ ଶ୍ରୀ ଗଜପତି ମହାରାଜା ମର୍ମାହତ ଥିବା କହିଛନ୍ତି । ଏଥିସହ ଏହି ଘଟଣାରେ ଶ୍ରୀ ଗଜପତି ମହାରାଜା ସ୍ୱର୍ଗତ ଆତ୍ମାଙ୍କ ସଦଗତି ନିମନ୍ତେ ଶ୍ରୀମହାପ୍ରଭୁଙ୍କ ଶ୍ରୀଚରଣ କମଳରେ ନିବେଦନ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ତତସହିତ ଘଟଣାର ପୁନରାବୃତ୍ତି ଯେପରି ନହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।ଏହି ଘଟଣାରେ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିବା ସହ ପ୍ରଶାସନର ଅବ୍ୟସ୍ଥା ନେଇ ସରକାରଙ୍କୁ ଘେରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ନବୀନ ପୁରୀର ଶରଧାବାଲିରେ ଘଟିଥିବା ଦୁଃଖଦ ଦଳାଚକଟାରେ ପ୍ରାଣ ହରାଇଥିବା ତିନି ଜଣ ଭକ୍ତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଏହି ଭୟଙ୍କର ଘଟଣାରେ ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଭିଡ଼ ଅନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ନବୀନ । ନବୀନ ତାଙ୍କ ପୋଷ୍ଟରେ ଲେଖିଛନ୍ତ ରଥଯାତ୍ରା ସମୟରେ ଭିଡ଼ ପରିଚାଳନାର ଭୟଙ୍କର ବିଫଳତା ତାର ଦିନକ ପରେ ଠେଲାପେଲା, ଦଳାଚକଟାରେ ଭକ୍ତ ଆହତ ହେବା, ମୃତ୍ୟୁ ଘଟିବା ପରି ଘଟଣା ସରକାରଙ୍କ ଅକ୍ଷମତାକୁ ପଦାରେ ପକାଇଛି । ନବୀନ ଆହୁରି ମଧ ଲେଖିଛନ୍ତି, ଖୋଦ୍ ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି ଭିଡ଼କୁ ପରିଚାଳନା କରିବା ପାଇଁ କୌଣସି ସୁରକ୍ଷାକର୍ମୀ ଉପସ୍ଥିତ ନଥିଲେ । ଯାହା କର୍ତ୍ତବ୍ୟରେ ଏକ ସାଙ୍ଘାତିକ୍ ତ୍ରୁଟିକୁ ଦର୍ଶାଉଛି । ଖାଲି ଏତିକି ନୁହେଁ ରଥଯାତ୍ରା ଦିନ ନନ୍ଦିଘୋଷ ରଥ ଟାଣିବାରେ ଅତ୍ୟଧିକ ବିଳମ୍ବକୁ ଅତି ସହଜରେ 'ମହାପ୍ରଭୁଙ୍କ ଇଚ୍ଛା' ବୋଲି କହି ପାର ହୋଇଯାଇଥିଲେ ସରକାର । ଏହା ଗୋଟିଏ ଗୋଟିଏ ବାହାନା ନିଜ ଅକ୍ଷମତାକୁ ଲୁଚାଇବା ପାଇଁ ରାଜ୍ୟ ସରକାରଙ୍କର ବୋଲି ନବୀନ କହିଛନ୍ତି।

ଶାଶ୍ୱତ ମିଶ୍ର ହେଲେ ...

ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ଅନ୍ୟପକ୍ଷରେ ଆଜି ଭୋରରେ ପୁରୀ ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ପରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ବଦଳି କରାଯାଇଛି। ଏନେଇ ମଧ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତାଙ୍କ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ପୁରୀ ଜିଲ୍ଲାପାଳ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ଚଞ୍ଚଳ ରାଣା ପୁରୀ ଯାଇ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ଆଇଏଏସ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଓଏସ୍‌ଡି ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ, ଶରଧାବାଲିରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ପୁରୀ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ମଧ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ନିଯୁକ୍ତ କରାଯାଇଛି ଓ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି ଶରଧାବାଲି ଦଳାଚକଟା ଘଟଣା ପରେ ରଥଯାତ୍ରାର ସୁପରଭିଜନ ପାଇଁ ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଏବେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି।

ବଙ୍ଗୋପସାଗରରେ...

ଫଳରେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ନିଜ ନିଜର ଡଙ୍ଗା ଓ ଜାଲ ସୁରକ୍ଷିତ ସ୍ଥାନରେ ରଖନ୍ତୁ, ନିଜେ ସୁରକ୍ଷିତ ରୁହନ୍ତୁ ବୋଲି କୁହାଯାଇଛି । ଧନ ଓ ଜୀବନ ସୁରକ୍ଷା ନିମନ୍ତେ ଏହା ପାଳନ କରିବା ଅତ୍ୟନ୍ତ ଜରୁରୀ ଅଟେ ।

ବିଜେପି ରାଜ୍ୟ ସଭାପତି...

କିନ୍ତୁ ଅନିବାର୍ଯ୍ୟ କାରଣ ପାଇଁ ବର୍ତ୍ତମାନ ପରିସ୍ଥିତିରେ ବିଜେପି ନିର୍ବାଚନକୁ ସ୍ଥଗିତ ରଖିଛି। ଓଡ଼ିଶା ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ସଞ୍ଜୟ ଜୟଶ୍ୱାଲଙ୍କ ଉପସ୍ଥିତିରେ ନାଁ ଘୋଷଣା ହେବାର ଥିଲା। ଉଲ୍ଲେଖ ଥାଉ କି ବିହାର ସାଂସଦ ସଂଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବାସ୍ତବରେ ବିଜେପି ରାଜ୍ୟ ସଭାପତି ଚୟନରେ ବିଳମ୍ବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଗତ ଫେବୃଆରି ୨୫ ତାରିଖରେ କହିଥିଲେ, ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନାଁ ହେବ ଘୋଷଣା କରାଯିବ। ସେହି ସମୟରେ ସେ କହିଥିଲେ, ରାଜ୍ୟ ବିଜେପି ସଭାପତି କିଏ ହେବେ, ଏପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଏନେଇ ବିଜେପି ଜାତୀୟ ନେତୃତ୍ୱ ଶୀଘ୍ର ନିଷ୍ପତ୍ତି ନେବେ। ଏହା ସତ୍ତ୍ୱେ ବି ଘୋଷଣା ହୋଇପାରିନଥିଲା।

୪୭୭ ଡ୍ରୋନ, ୬୦ କ୍ଷେପଣାସ୍ତ୍ର...

ମୋଟ ୪୭୭ ଡ୍ରୋନ୍ ଏବଂ ୬୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତଥାପି, ୟୁକ୍ରେନୀୟ ସେନା ଏହି ଡ୍ରୋନ୍ ମଧ୍ୟରୁ ୨୪୯ଟିକୁ ଖସାଇ ଦେଇଥିବା ଦାବି କରିଛି। ଯେତେବେଳେ ୨୨୬ଟି ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଇଲେକ୍ଟ୍ରୋନିକ୍ ସିଷ୍ଟମ ଦ୍ୱାରା ଜାମ୍ କରାଯାଇଥିବା କୁହାଯାଉଛି। ବାୟୁସେନାର ମୁଖପାତ୍ର ୟୁରି ଇହନାଟ୍ ଆସୋସିଏଟେଡ୍ ପ୍ରେସକୁ କହିଛନ୍ତି ଯେ ଏହି ଆକ୍ରମଣ ୟୁକ୍ରେନ୍ ଉପରେ ଏପର୍ଯ୍ୟନ୍ତ 'ସବୁଠାରୁ ବଡ଼ ବାୟୁ ଆକ୍ରମଣ' ଥିଲା, ଯେଉଁଥିରେ ଅନେକ ପ୍ରକାରର କ୍ଷେପଣାସ୍ତ୍ର ଏବଂ ସହିଦ ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା।

ଅନିର୍ବାଯ୍ୟ କାରଣ ଯୋଗୁଁ ...

କରିଥିବା ଜନସାଧାରଣଙ୍କ ଅଭିଯୋଗ ଗୁଡିକ ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ। ପରବର୍ତ୍ତୀ ଶୁଣାଣିର ତାରିଖ ଓ ସମୟ ସମ୍ପର୍କିତ ସୂଚନା ପରେ ଜଣାଇ ଦିଆଯିବ। ଏହି ସୂଚନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଦ୍ୱାରା ଜାରି କରାଯାଇଛି।

ସହକାରୀ କାର୍ଯ୍ୟନିର୍ବାହୀ ...

ସେହିଭଳି ପୁରୀରେ ଗୋଟିଏ ୱାନ୍-ବିଏଚ୍‌କେ ଫ୍ଲାଟ ଅଛି। ଏହା ସହିତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କର ୬ଟି ଦାମୀ ପ୍ଲଟ ଅଛି। ସେଥିରୁ ଦୁଇଟି ବ୍ରହ୍ମପୁରରେ, ଦୁଇଟି ଭୁବନେଶ୍ୱରରେ, ଗୋଟିଏ ଖୋର୍ଦ୍ଧାର ବଣିଆଟାଙ୍ଗୀରେ ଓ ଗୋଟିଏ ଗଞ୍ଜାମ ଛତ୍ରପୁର ଅଞ୍ଚଳରେ ରହିଛି। ଚଢ଼ାଉ ବେଳେ ତାଙ୍କ ବାସଭବନରୁ ନଗଦ ୨ ଲକ୍ଷ ୫ ହଜାର ଟଙ୍କା ମିଳିଛି। ତାଙ୍କର ୧ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଏବଂ ଗୋଟିଏ ଚାରିଚକିଆ ଓ ଦୁଇଟି ଦୁଇ ଚକିଆ ଗାଡ଼ି ରହିଛି। ସେହିପରି ତାଙ୍କ ଘରୁ ୧୨୬ ଗ୍ରାମ ସୁନାଗହଣା ଜବତ ହୋଇଛି।

ବିଧାୟକ ଓ ଜିଲ୍ଲାପାଳଙ୍କ ସମ୍ଭାବ୍ୟ ବନ୍ୟା ସ୍ଥିତି ସମୀକ୍ଷା

ବେତନଟୀ , ୨୯/୬ (ନି.ପ୍ର): ବେତନଟୀ ବ୍ଲକ ରେ ଲଘୁଚାପଜନିତ ଲଗାଣବର୍ଷାରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ନଦୀର ଜଳସ୍ତର ବଢିଥିବା ବେଳେ ସମ୍ଭାବ୍ୟ ବନ୍ୟାସ୍ଥିତି ସମୀକ୍ଷା ପାଇଁ ରବିବାର ଅପରାହ୍ନରେ ବେତନଟୀ ବ୍ଲକ ଅଧୀନ ନାଖରା ପୋଲଠାରେ ବୁଢାବଳଙ୍ଗ ନଦୀର ଜଳସ୍ତର ଦେଖିବା ସହିତ ସ୍ଥିତି ସମୀକ୍ଷା କଲେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ଓ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ । ଲଘୁଚାପଜନିତ ଲଗାଣ ବର୍ଷାରେ ଜିଲ୍ଲାର ହାଲ ବେହାଲ ହୋଇପଡିଥିବା ବେଳେ ବିଭିନ୍ନ ନଦୀନାଳର ଜଳସ୍ତର ବଢ଼ିଥିବାର ଦେଖିବାକୁ ମିଳିଛି । ଏପଟେ ଜିଲ୍ଲାର ବିଭିନ୍ନ ଛୋଟବଡ଼ ନଦୀନାଳ କେତେକ ସ୍ଥାନରେ ଉଚ୍ଛୁଳି ବନ୍ୟାସ୍ଥିତି ସୃଷ୍ଟି କରିଥିବାର ମଧ ଦେଖିବାକୁ ମିଳିଛି । ଜିଲ୍ଲାପ୍ରଶାସନ ପକ୍ଷରୁ ଅଧିକାରୀ ମାନଙ୍କୁ ଏଲର୍ଟ ରହିବାକୁ କୁହାଯାଇଥିବା ବେଳେ ରବିବାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତବିଜୁଳି ଏବଂ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ନାଖରା ଠାରେ ବୁଢବଳଙ୍ଗ ନଦର ଜଳସ୍ତର ସମୀକ୍ଷା କରିବା ସମୟରେ ବେତନଟୀ ଏବିଡ଼ିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂଙ୍କ ସମେତ ବଡ଼ସାହି ତହସିଲଦାର କରୁଣାକର ଧୀନ୍ଦା ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସୋମବାର, ଜୁନ୍ ୩୦, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ଶିଳ୍ପୀ ସମୂହର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯/୬ (ନି.ପ୍ର): ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ସ୍ଥାପତ୍ୟରେ ୫୦ ବର୍ଷ ପୁରଣ ଉପଲକ୍ଷେ ଓ ନିକଟରେ ଜୀବନ ବ୍ୟାପି ସମର୍ପିତ କାର୍ଯ୍ୟ ପାଇଁ ତାଙ୍କୁ ଦିଲ୍ଲୀରେ ରାଷ୍ଟ୍ରୀୟ ସମ୍ମାନ 'ଦେଶ ରତ୍ନ ସମ୍ମାନ' ମିଳିଛି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶିଳ୍ପୀମାନେ ପଦ୍ମଶ୍ରୀ ପ୍ରଭାକରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଧଉଳି ଛକ କୋଣାର୍କ କଳା ଆର୍ଟ ଗ୍ୟାଲେରୀଠାରେ ଆୟୋଜିତ ଏହି ସମାରୋହରେ ପଦ୍ମଶ୍ରୀ ପ୍ରଭାକର ମହାରଣା କହିଥିଲେ ଯେ, ଓଡ଼ିଶା ସାରା ବିଶ୍ୱର କଳା ସଂସ୍କୃତିର ପ୍ରାଣକେନ୍ଦ୍ର । ଦେଶର ଭାବାବେଗ ସହ ଏହା ଜଡ଼ିତ । ଆମ କଳା ଭାସ୍କର୍ଯ୍ୟ ସଂସ୍କୃତିକୁ ଅଧିକ ଉତ୍କର୍ଷ କରି ଜାତୀୟ ଏକତାକୁ ସୁଦୃଢ଼ କରି ରଖିଛି । ଓଡ଼ିଶାର ପ୍ରସ୍ତରଶିଳ୍ପୀ ଅତି ନିଖୁଣ ଭାବେ ମୂର୍ତି ଓ ମନ୍ଦିରକୁ ଗଢ଼ି ଜୀବନ୍ତ ରୂପ ଦେଇଥାନ୍ତି । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ଥାପତ୍ୟ ସୋମନାଥ ମହାପାତ୍ର ଅଧକ୍ଷତା କରିଥିବା ବେଳେ ୭ଜଣ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଳାକାର ଯଥା ବିଜୟ ପରିଡା, ଭ୍ରମରବର ନାୟକ, କଳ୍ପତରୁ ମହାରଣା, ପଦ୍ମନାଭ ଓଝା, ବ୍ରହ୍ମାନନ୍ଦ ମହାରଣା, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା, କେନ୍ଦ୍ରୀୟ

ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କ
ସ୍ଥାପତ୍ୟରେ ୫୦ ବର୍ଷ

ବୟନ ଓ କୁଟୀର ଶିଳ୍ପ ସହ ନିର୍ଦ୍ଦେଶକ ଭୁବନ ଭାସ୍କର ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଜାତୀୟ ପୁରସ୍କାର ପ୍ରାପ୍ତ କଳାମଣି ରତ୍ନାକର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

ବନ୍ୟା ପରିସ୍ଥିତି ନିମନ୍ତେ ଜରୁରୀକାଳୀନ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ହେଉଥିବା ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଦେଖାଦେଇଥିବା ବନ୍ୟା ପରିସ୍ଥିତି ନିମନ୍ତେ ଏକ ଜରୁରୀ କାଳୀନ ପ୍ରସ୍ତୁତି ବୈଠକ ଆଭାସୀ ମାଧମ ରେ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ବର୍ତ୍ତମାନ ନଦୀ ର ଜଳ ସ୍ତର ବନ୍ୟା ପରିସ୍ଥିତି ନିମନ୍ତେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ତଦା ରଖ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ବାଲେଶ୍ୱର ହେମନ୍ତ କୁମାର ସିଂ (ରାଜସ୍ୱ), ଶ୍ରୀ ସୁଧାକର ନାୟକ (ସାଧାରଣ), ଶ୍ରୀମତୀ ମଧୁସ୍ମିତା ସାମନ୍ତ ରାୟ ଉପ ଜିଲ୍ଲା ପାଳ ବାଲେଶ୍ୱର ଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବାଲେଶ୍ୱର, ଜିଲ୍ଲା, ମୁଖ୍ୟ ପ୍ରାଣୀ ଚିକିତ୍ସାୟା ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଅଧିକ୍ଷଣ ଅଧିକାରୀ ଇଲେକ୍ଟ୍ରିକାଲ ଟାଟା ପାୱାର,ଅଧିକ୍ଷଣ ଅଧିକାରୀ ଜଳସେଚନ, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ସମସ୍ତେ ବନ୍ୟା ପରିସ୍ଥିତି ନିମନ୍ତେ ସଜାଗ ପ୍ରସ୍ତୁତି ରହିଥିବାର ସୂଚନା ଜିଲ୍ଲା ପାଳଙ୍କୁ ଦେଇଥିଲେ ଓ ପରିଶେଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ବ୍ଲକ ଓ ବାଲେଶ୍ୱର ସଦର ଠାରେ ଅପ୍ରତୀକ ପରିସ୍ଥିତି କୁ ସାମ୍ନା କରିବା ପାଇଁ ଓଡ୍ରାଫ ର ଦୁଇଟି ଟିମକୁ ନିୟୋଜିତ କରାଯାଇଛି । ଜିଲ୍ଲାପାଳ ବାଲେଶ୍ୱର ଜିଲ୍ଲା ର ବିଭିନ୍ନ ବନ୍ୟା ପ୍ରବଣ ଅଂଚଳ ପରି ଦର୍ଶନ କରିଥିଲେ।

ଜଳକା ନଦୀରେ ପ୍ରଥମ ବନ୍ୟା

ବସ୍ତା, ୨୯/୬ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ଜଳକା ନଦୀର ଜଳସ୍ତର ବଢିବାରେ ଲାଗିଛି । ଜଳକାର ଜଳସ୍ତର ଅପରାହ୍ନ ୫ଟାରେ ୭.୧.୫ ରେ ପ୍ରବାହିତ ହେଉଥିବା ବେଳେ ପ୍ରତି ଘଣ୍ଟାରେ ଜଳସ୍ତର ୧ପଏଣ୍ଟ ବଢୁଛି । ଯାହାଫଳରେ ମେଳକ, ତଳତାପଣ୍ଡା, ପେଗରପଡା, ଧଳସାହି, ମଥାନୀ, ସାନଖୁଡି, ଶିବଗଡିଆ, ଲକ୍ଷ୍ମଣାପଡା, ବଡଖୁଡି, ନଦୀକୂଳ ରେଥିବା ଗାଁ ର ଲୋକ ଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବାହାର୍ଦା ଚଟାଣରେ ପାଣି ୫ଫୁଟ ଉଚ୍ଚତାରେ ପ୍ରବାହିତ ହେବା ଫଳରେ ଯାନ ବାହାନ ଯାତାୟତ ଠପ ହୋଇଯାଇଛି । ବାଲିବୋଝେଇକରି ନେଉଥିବା ଟ୍ରାକ୍ଟର ସୁଅରେ ଭାସିଯିବା ବେଳେ ଜେସିବିଲଗାଇ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରେ ବସ୍ତା ତହସିଲ ଦାର ସୁଶାନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହି ଲୋକମାନଙ୍କୁ ସୁରକ୍ଷା ଦେବା ସହିତ ଚଟାଣର ଦୁଇପଟ ଅବରୋଧ କରିଛନ୍ତି । ଘଟଣା ସ୍ଥଳରେ ଇରିଗେସନ ଡିପାଟ ମେଣ୍ଟଏସି ନବକୁମାର ମହାଳିକ. ଜେଇ ମହେଶ୍ୱର ସିଂ ଉପସ୍ଥିତ ରହି ଗାଁ ଗୁଡିକ ଭିତରେ ପ୍ରବାହିତ ହେଉଥିବା ନଦୀ ର ଦୁଇକଡରେସ୍ଥାନେସ୍ଥାନେ ଅତଡା ଖସୁଥିବା ବାହାଳ ବନ୍ଧ କୁ ବାଲିବସ୍ତା ବାଉଁଶ ସାହାର୍ଯ୍ୟରେ ପାଣିକୁ ଆକଟ କରିବାପାଇଁ ୫ହଜାର ରୁ ଉର୍ଦ୍ଧ ବାଲିବସ୍ତା ବାଉଁଶ ୨ଶହ ଖଣ୍ଡ ମହଜୁଦ ରଖାଯାଇଛି । ତେବେ ରାତିରେ ବନ୍ୟାଜଳ ବେଗ ବଢିବ ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂ ପ୍ରକାଶ କରିଛନ୍ତି ।

କରଞ୍ଜିଆ ଗଣ ଦୁଷ୍କର୍ମ ମାମଲା : ଏସପିଙ୍କୁ ଭେଟିଲା ନାରୀ ନ୍ୟାୟ ବାହିନୀ

ବାରିପଦା, ୨୯/୬ (ନି.ପ୍ର): କରଞ୍ଜିଆ ବ୍ଲକ ଦରି ପଞ୍ଚାୟତ କୁଇତା ଢ଼ାବା ନିକଟରେ ଚଳିତ ଜୁନ ମାସ ୨୪ ତାରିଖ ରାତିରେ ଜଣେ ଆଦିବାସୀ ସମ୍ପ୍ରଦାୟ ଝିଅକୁ ତିନି ଜଣ ଅଭିଯୁକ୍ତ ଅପହରଣ କରିଆଣି ଗଣଦୁଷ୍କର୍ମ କରିଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଲାଗିରହିଥିବା ବେଳେ, ଶନିବାର ରାଜ୍ୟ ନାରୀ ନ୍ୟାୟ ବାହିନୀର ପ୍ରତିନିଧି ମଣ୍ଡଳୀ କରଞ୍ଜିଆ ଗସ୍ତରେ ଆସି ପୀଡ଼ିତାଙ୍କୁ ଭେଟିବା ସହିତ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମହାଳିକଙ୍କୁ ଭେଟି ତଦନ୍ତର ଅଗ୍ରଗତି ବାବଦରେ ଆଲୋଚନା କରିଥିଲେ। ପରେ ପରେ ସଂନ୍ଧ୍ୟାରେ ରାଜ୍ୟ ନ୍ୟାୟ ବାହିନୀ ସଂଯୋଜିକା ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ମନିଷା ଦାସ ପଟ୍ଟନାୟକ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ଜ୍ୟୋସ୍ନାମୟୀ ବେହେରା, ସୁପ୍ରଭା ପଟ୍ଟନାୟକ, ଆରତୀ ଦେଓଙ୍କ ସହ ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ସୁସ୍ମିତା ଘୋଷାଲ, ଶିବାନନ୍ଦ ଦାସ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କୁ ଭେଟି କରଞ୍ଜିଆ ଗଣ ଦୁଷ୍କର୍ମ ଘଟଣା ବିଷୟରେ ଆଲୋଚନା କରି ପୀଡିତାଙ୍କ ପୁରୁଷ ବନ୍ଧୁ ଯିଏକି ଅପହରଣ ବେଳେ ଉପସ୍ଥିତ ଥିଲେ, ସେ ମୟୁରଭଞ୍ଜ ଜିଲ୍ଲା ଶରତ ଥାନାର ଜଣେ କର୍ମଚାରୀ ତାଙ୍କୁ ଏଯାବତ ପୋଲିସ ପଚରା ଉଚରା କରିନଥିବାରୁ ତାଙ୍କୁ ତୁରନ୍ତ ତଦନ୍ତ ପରିସର ଭୁକ୍ତ କରିବା, ଏବଂ ଅପହରଣ ବେଳେ ପୀଡ଼ିତାଙ୍କୁ ମୋଟ ୧୦ଜଣ ଲୋକ ଘେରିଥିଲେ। ସେଥି ମଧ୍ୟରୁ ୩ଜଣ ତାଙ୍କୁ ଅପହରଣ କରିନେଇ ଦୁଷ୍କର୍ମ କରିଥିଲେ। ଏଣୁ ଅନ୍ୟ ୭ଜଣ ସହଯୋଗୀଙ୍କୁ ମଧ ତଦନ୍ତ ପରିସରକୁ ଆଣିବା ସହ, ପୀଡିତା ଯୁକ୍ତ ଦୁଇ ପଢିଥିବା ବେଳେ ତାଙ୍କୁ କୌଣସି ଏକ କର୍ମନିଯୁକ୍ତି ଯୋଗାଇ ଦେବାକୁ ଦାବୀ କରିଥିଲେ। ଜିଲ୍ଲାରେ କ୍ରମ ବର୍ଦ୍ଧିଷ୍ଣୁ ଅପରାଧ ବିଶେଷକରି ନାରୀ ଦୁଷ୍କର୍ମ ଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରି, ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଡବଲ ଇଞ୍ଜିନ ସରକାରରେ ନାରୀ ନିର୍ଯାତନା, ଗଣ ଦୁଷ୍କର୍ମ ଆଦି ଅହେତୁକ ବୃଦ୍ଧି ପାଉଥିଲେ ମଧ ସରକାର ଚେଇଁ ଶୋଇଥିବା ଭଳି ଅବସ୍ଥାରେ ରହିଛନ୍ତି ବୋଲି ନାରୀ ନ୍ୟାୟ ବାହିନୀର ସଂଯୋଜିକା ଡ. ବିଶ୍ୱାଳ କହିଛନ୍ତି।

ଗଡିଆରେ ପଡ଼ି ଶିଶୁ ମୃତ

ଜଳେଶ୍ୱର, ୨୯/୬ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅର୍ନ୍ତଗତ ଚମାର ଗାଁ ପଂଚାୟତର ଚାପ୍ଲା ଗ୍ରାମର ସପନ ଦାସଙ୍କ ୬ ବର୍ଷର ଶିଶୁପୁତ୍ର ଆଜି ତାଙ୍କ ଘର ପଛ ବାଡି ଗଡିଆରେ ପଡି ମୃତ୍ୟୁବରଣ କରିଛନ୍ତି ।ସୂଚନା ଅନୁସାରେ ଆଜି ଅପରାହ୍ନ ସମୟରେ ସପନ ଦାସଙ୍କ ପୁତ୍ର ବାବୁ ଦାସ (୬) ଅପରାହ୍ନ ସମୟରୁ ଘରେ ଖେଳୁ ଥିଲେ ପରେ କିଛି ସମୟ ପରେ ଘର ଲୋକ ତାଙ୍କୁ ଖୋଜା ଖୋଜି ଥିଲେ କିନ୍ତୁ ପାଇ ନଥିଲେ। ପରେ ଆଜି ୫ ଘଟିକା ସମୟରେ ଘର ପାଖରେ ଥିବା ଗଡିଆରେ ଭାସି ଥିଲେ ଏହା ଦେଖି ଘର ଲୋକ ତାଙ୍କୁ ଉଦ୍ଧାର କରି ପିତା ସପନ ଏବଂ ଗ୍ରାମର ବାବୁଲି ଦେ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଏବଂ ସେଠାରେ ତାଙ୍କୁ ଦେଖି ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ ।ସେ ବାପା ମାଙ୍କ ର ଏକ ମାତ୍ର ପିଲା ହୋଇଥିବାରୁ ବାପା,ମା ଦୁଃଖରେ ଭାଙ୍ଗି ପଡିଛନ୍ତି।

ଫୁଲୁଛି ସୁବର୍ଣ୍ଣରେଖା: ବାଲିଆପାଳରେ ସମ୍ଭାବ୍ୟ ବନ୍ୟାକୁ ନେଇ ଜନସାଧାରଣଙ୍କୁ ସତର୍କ କଲା ପ୍ରଶାସନ

ବାଲିଆପାଳ, ୨୯/୬ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଏବଂ ଉପର ମୁଣ୍ଡରେ ବର୍ଷା ଯୋଗୁଁ ପୁଣିଥରେ ସୁବର୍ଣ୍ଣରଖୋ ନଦୀରେ ବନ୍ୟାଆଶଙ୍କା ଦେଖାଦେଇଛି ।ଏହି ନଦୀର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହାତ ସତର୍କ ସଙ୍କେତ ୯.୪୫ ମିଟର ଥିବା ବେଳେ ୯.୧୦ ମିଟରରେ ପ୍ରବାହିତ ହେଉଛି । ଆସନ୍ତା କାଲି ସକାଳ ସୁଦ୍ଧା ଏହି ନଦୀର ଜଳ କୂଳ ଲଂଘିବାର ସମ୍ଭାବନା ଥିବାରୁ ନଦୀର ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା ସୃଷ୍ଟି ହେବ। ପ୍ରଥମ ବନ୍ୟାରେ ବେହାଲ ହୋଇଥିବା ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତର ଲୋକେ ଅଣ୍ଟା ସଳଖିନଥିବା ବେଳେ ପୁଣୀ ଗୋଟିଏ ସପ୍ତାହ ପରେ ଦ୍ୱିତୀୟ ବନ୍ୟାକୁ ନେଇ ଲୋକଙ୍କ ମନରେ ଭୟ ଓ ଆତଙ୍କ ଖେଳିଯାଇଛି । ଏପଟେ ସମ୍ଭାବ୍ୟ ବନ୍ୟାକୁ ନେଇ ପ୍ରଶାସନ ପ୍ରସ୍ତୁତି ଜୋରଦାର କରିଛି। ଆଜି ବ୍ଲକ ସମ୍ମିଳନୀ କକ୍ଷରେ ତହସିଲଦାର ଜ୍ୟୋସ୍ନାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ ତଥା ପଞ୍ଚାୟତର ଅଧିକାରୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି । ସମ୍ଭାବ୍ୟ ବନ୍ୟାକୁ ନେଇ ସମସ୍ତ ଅଧିକାରୀ ମାନଙ୍କୁ ଆଲର୍ଟ କରାଯିବା ସହ ତଳିଆ ଅଞ୍ଚଳରେ ଥିବା ସମସ୍ତ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଆସିବା ପାଇଁ ଡାକବାଜି ଯନ୍ତ୍ରୋଯୋଗେ ସଚେତନ କରାଯାଇଛି ।ସେହି ପରି ବ୍ଲକରେ ଥିବା ୧୦ଟି ପାଓାର ବୋଟ କୁ ପ୍ରସ୍ତୁତ ରଖାଯିବା ସହ ପର୍ଯ୍ୟାପ୍ତ ଶୃଖଳା ଖାଦ୍ୟ ମହଜୁଦ ରଖାଯାଇଥିବା ନେଇ ତହସିଲଦାର ନାୟକ ସୂଚନା ଦେଇଛନ୍ତି ।ସେହିପରି ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ସ୍କୁଲ ଗୃହ ଗୁଡିକ ଖୋଲାରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟରେ ଆଜି ସନ୍ଧ୍ୟାରେ ବାଲିଆପାଳରେ ଓରଡ୍ରାଫର ୨ଟି ଟିମ ପହଂଚିଛି । ତେବେ ସୁବର୍ଣ୍ଣରେକା ନଦୀରେ ବନ୍ୟା ହେଲେ ବାଲିଆପାଳ ବ୍ଲକର ୧୦ଟି ପଂଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହେବ । ସେହିପରି ଆଜି ଜଳକା ନଦୀରେ ବନ୍ୟା ଫଳରେ ବାଲିଆପାଳ ବ୍ଲକର କୁଣ୍ଡୁଳି ଏବଂ ସାଉଡି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି । ଏହାର ପ୍ରଭାବରେ ଏହି ଦୁଇ ପଞ୍ଚାୟତର ୮ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ । ତେବେ ଗତ ବନ୍ୟାରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ପର୍ଯ୍ୟାପ୍ତ ପିଇବା ପାଣି , ଶୁଖିଲା ଖାଦ୍ୟ ଏବଂ ଗୋଖାଦ୍ୟ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

ରାସନକାର୍ଡ଼ ଅଛି: ମିଳୁନି ଚାଉଳ

ଉଦଳା , ୨୯/୬ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଦପୁଟଳି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦଶରଥ ସୋରେନଙ୍କ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ଼ ମିଳିଛି । କିନ୍ତୁ ଦିର୍ଘ ବର୍ଷ ଧରି ଚାଉଳ ମିଳୁନଥିବାର ସେ ଅଭିଯୋଗ କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଦଶରଥଙ୍କ ପରିବାର ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପରିବାରର ମୋଟ ସଦସ୍ୟ ସଂଖ୍ୟା ୫ ଜଣ ହୋଇଥିବା ବେଳେ କାହାରି ଆଧାର କାର୍ଡ଼ ନାହିଁ । ଯେଉଥିପାଇଁ ରାସନ କାର୍ଡ଼ରେ ଚାଉଳ ମିଳୁନଥିବାର ଜଣାଯାଇଛି । ସେହିପରି ଦଶରଥଙ୍କୁ ବର୍ତମାନ ବୟସ ୬୨ ବର୍ଷ ଛୁଇଁଥିବା ବେଳେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ସେ ପାଇପାରିନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଉଦଳାରେ 'ମହାବାହୁ'ର ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ

ମହାବାହୁ
ଦ୍ୱାଦଶ ବାର୍ଷିକ ଉତ୍ସବ

ଉଦଳା , ୨୯/୬ (ନି.ପ୍ର): ସ୍ଥାନୀୟ ସନ୍ଧାନଗୃହ ପରିସରରେ ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ଆଜି ଜୁନ ୨୯ ତାରିଖ ରବିବାର ଦିନ ପ୍ରତିବର୍ଷ ପରି ଆଧାତ୍ମିକ ପତ୍ରିକା 'ମହାବାହୁ'ର ଲୋକାର୍ପଣ ଉତ୍ସବ ସହିତ 'ସର୍ବ ଧର୍ମ ସମନ୍ୱୟର ଦେବତା ଶ୍ରୀ ଜଗନ୍ନାଥ' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ପତ୍ରିକାର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦୀଲିପ କୁମାର ଦିକ୍ଷିତ କାର୍ଯ୍ୟକ୍ରମରେ ଅଧକ୍ଷତା କରି 'ମହାବାହୁ' ପତ୍ରିକା କିପରି ଜନ୍ମ ନେଇଥିଲା ଓ ଆଜି ପର୍ଯ୍ୟନ୍ତ ଏହା କିପରି ବଂଚି ରହିଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସେ ନିଜେ ଗବେଷଣା କରିବାକୁ ଯାଇ ଯାହା ଅନୁଭବ କରିଛନ୍ତି ତାହା ବ୍ୟକ୍ତ କରିଥିଲେ । ପରେ 'ମହାବାହୁ-୨୦୨୫' ର ଏକାଦଶ ଅର୍ଘ୍ୟ ଏବଂ କିଶୋରଚନ୍ଦ୍ର ଦାସବାବୁଙ୍କ ଲିଖିତ 'ନିଳାଦ୍ରୀନାଥ ଶ୍ରୀ ଜଗନ୍ନାଥ' ନାମକ ଅନ୍ୟ ଏକ ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପରେ'ମହାବାହୁ' ର ସଂପାଦକ ରବିକାନ୍ତ ମହାପାତ୍ର ବିବରଣି ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଅବସରପ୍ରାପ୍ତ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରି ରମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା ଓ ଭୋଳାନାଥ ସାହୁ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ସବୁ ଧର୍ମର ସମନ୍ୱୟ କିପରି ଶ୍ରୀ ଜଗନ୍ନାଥଙ୍କ ଠାରେ ଦେଖିବାକୁ ମିଳେ ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅଧାପକ ଦୀଲିପ କୁମାର ପ୍ରମାଣିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରମିଳା ଜେନା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ, ରଜତ କୁମାର ପଣ୍ଡା, ସ୍ୱୟଂସିଦ୍ଧା ପରିଡ଼ା, ପ୍ରଲିପ୍ସା ମହାପାତ୍ର, ମୀନତି ପରିଡ଼ା, ଦୀପ୍ତିଲତା ମିଶ୍ର, ସୌମେନ୍ଦ୍ର କୁମାର ଦାସ, ନମିତା ରାଉତ, ପ୍ରଫୁଲ କୁମାର ଖିଲାର, କରୁଣାକର ଦାସ, ସ୍ମୃତିମୟି ଦାସ, ରକ୍ମଣି ସାହୁ, ମନରଂଜନ ମଲ୍ଲିକ, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

କଳା ଦିବସର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଲୋଚନାଚକ୍ର ଓ ପ୍ରଦର୍ଶନୀ

ବାଲେଶ୍ୱର, ୨୯/୬ (ନି.ପ୍ର): ୧୯୭୫ ଜୁନ ୨୫ ତାରିଖରେ ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରି କ୍ଷମତା ଲାଳସାରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହି କଳା ଅଧ୍ୟାୟର ସ୍ମୃତି ଚାରଣ କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଆଲୋଚନା ଚକ୍ର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ଲୋକମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ବ୍ୟକ୍ତବ୍ୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତିର କଳା ଅନୁଭୂତି ଶୁଣାଇଥିଲେ। ଏହାସହିତ ତତ୍କାଳୀନ ଜନନେତାଙ୍କ ରାଜନୈତିକ ଲଢ଼େଇର କଥା ଓ କଂଗ୍ରେସର ଜନ ଅତ୍ୟାଚାରର କଥା ଶୁଣାଇଥିଲେ। ଏହି ଅବସରରେ ସେସମୟରେ ଗୃହବନ୍ଦୀ ଥିବା ବାହାନଗା ଅଞ୍ଚଳର ବୈରାଗୀ ଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା ଓ ସେ ତାଙ୍କର ଅନୁଭୂତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, କାର୍ଯ୍ୟକ୍ରମ ସହସଂଯୋଜକ ଆଶିଷ ଘୋଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଆଲୋଚନା ଚକ୍ର ଓ ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ।

ଜଳେଶ୍ୱରରେ କଙ୍ଗାରୁ କୋର୍ଟ: ଯୁବକଙ୍କୁ ମାଡ଼ ମାରିବା ସହ ସାତ ବେଣ୍ଟିଆ ଚୁଟି କାଟି ବେକରେ ଜୋତା ମାଳ ପକେଇ ଗାଁ ବୁଲାଇଲେ

ଯୁବକ ନିଖୋଜ, ଦୁଇ ଅଭିଯୁକ୍ତ ଗିରଫ

ଜଳେଶ୍ୱର,୨୯/୬: ଜଳେଶ୍ୱରରେ କଙ୍ଗାରୁକୋର୍ଟ । ଚୋରି କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଲଣ୍ଡା କରି ବେକରେ ଜୋତା ମାଳ ଦେଇ ଗାଁ ବୁଲାଇଲେ ଲୋକେ ।ଏବଂ ମାଡ ମାରି ଏକ କେନାଲରେ ଫୋପାଡି ଦେଇଥବା ଅଭିଯୋଗ ହୋଇଛି ।ଦୁଇ ଦିନ ଧରି କଙ୍ଗାରୁ କୋର୍ଟର ଶୀକାର ହୋଇଥିବା ଯୁବକଙ୍କ ପତ୍ତା ମିଳିନାହିଁ ।ସୂଚନା ମୁତାବକ ବାଲେଶ୍ୱର ଜଳେଶ୍ୱର ଥାନା ଅନ୍ତର୍ଗତ ପର୍ଶ୍ଚିମବାର୍ଡ଼ ପଞ୍ଚାୟତର ଉତ୍ତରପଡା ଗ୍ରାମର ପଦ୍ମଲୋଚନ ସାହୁ ନାମକ ଜଣେ ଯୁବକ ଗ୍ରାମରେ ନିର୍ମାଣ ହେଉଥିବା ପାଣିଟାଙ୍କି ସୁପରଭାଇଜର ଭାବେ କାମ କରୁଥିଲେ, ଗତ ୨୪ ତାରିଖ ରାତିରେ ବିଦ୍ୟୁତ୍ ବଲବ ଚୋରି ଅଭିଯୋଗରେ ପଡୋଶୀ ଖଳାବାଡ଼ିଆ ଗ୍ରାମର ଲୋକ ତାଙ୍କୁ ବାନ୍ଧି ନିର୍ଦ୍ଧୁମ ମାଡ ମାରିଥିଲେ ।ତହିଁ ପରଦିନ ସକାଳୁ ସଂପୃକ୍ତ ଯୁବକଙ୍କୁ ଲଣ୍ଡା କରି ବେକରେ ଜୋତା ମାଳ ପକାଇ ଓ ଦେହରେ ଅଳିଆ ବାନ୍ଧି ଗାଁ ସାରା ବୁଲିବା ପରେ ନିର୍ଦ୍ଧୁମ ମାଡ ମାରି ଏକ କେନାଲକୁ ଫିଙ୍ଗି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି ତାଙ୍କ ସ୍ତୀ ରିନାରାଣୀ ସାହୁ। ସେବେଠାରୁ ଏପର୍ଯ୍ୟନ୍ତ ଯୁବକର କୌଣସି ପତ୍ତା ମିଳିନାହିଁ, ଏନେଇ ପଦ୍ମ ଲୋଚନଙ୍କ ସ୍ତୀ ରିନାରାଣୀ ସାହୁ ଦୁଇ ଜଣ ମହିଳା ମମତା ରଣା ଓ ମିନତି ମାଝୀ ନାମରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏ ନେଇ ଜଳେଶ୍ୱର ଥାନାରେ ୨୯୬/ ୨୫ ମାମଲା ରୁଜୁ ହୋଇ ଦୁଇଜଣ ମହିଳାଙ୍କୁ ପୋଲିସ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଛି ।

ଆଦର୍ଶ ମହିଳା ସରସ୍ୱତୀ ପଣ୍ଡାଙ୍କ ପରଲୋକ

ବାସୁଦେବପୁର, ୨୯/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବାଣପୁର ଗ୍ରାମର ଆଦର୍ଶ ମହିଳା ଓ ସମାଜସେବୀ ସରସ୍ୱତୀ ପଣ୍ଡାଙ୍କର ୯୧ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସରସ୍ୱତୀ ପଣ୍ଡା ଙ୍କ ପୁତ୍ର ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଜୀବନ କୃଷ୍ଣ ପଣ୍ଡା, କନ୍ୟା ମାଳତୀ ସାମନ୍ତ, ମିନତୀ ସାମନ୍ତ, ଅହଲ୍ୟା ପଣ୍ଡା, ପ୍ରଜ୍ଞା ପାରମିତା ପଣ୍ଡା, ସାଇ ଚନ୍ଦନ ପଣ୍ଡା, ଲକ୍ଷ୍ମୀ ମଣି ପଣ୍ଡା, ମଧୁସୂଦନ ପଣ୍ଡା, ଦାଶରଥି ପଣ୍ଡା, ଯଦୁମଣି ପଣ୍ଡା, ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା,କବି ରତ୍ନାକର ପଣ୍ଡା, ଭରତ ଧର ଓ ନାତି ନାତୁଣୀ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ଓ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଛୋଟ ଛୋଟ ପିଲା ମାନଙ୍କୁ କାହାରି ଖରାପ ଦୃଷ୍ଟି ପଡ଼ିଲେ ସ୍ୱର୍ଗତା ସରସ୍ୱତୀ ପଣ୍ଡା ଫୁଙ୍କା ଫୁଙ୍କି କରି ଈଶ୍ୱରଙ୍କୁ ସ୍ମରଣ କରି ପିଲା ମାନଙ୍କୁ ଭଲ କରି ଦିଅନ୍ତି। ସରସ୍ୱତୀ ଦେବୀ ଜଣେ ପରୋପକାରୀ ମିଷ୍ଟ ଭାଷୀ ଆଦର୍ଶ ମହିଳା ଥିଲେ । ସରସ୍ୱତୀ ଦେବୀଙ୍କ ମର ଶରୀର କୁ ପୁରୀ ସ୍ୱର୍ଗ ଦ୍ୱାର ନିଆଯାଇ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି। ତାଙ୍କ ପରଲୋକରେ ନରସିଂହପୁର ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida